RNI No.ODIODI/2010/33031
୧୬ ବର୍ଷ Volume-16
ISSUE -306 ସଂଖ୍ୟା-୩୦୬
ଭୁବନେଶ୍ୱର, ଶନିବାର ୨୧ ଫେବୃଆରୀ ୨୦୨୬
Bhubaneswar, Saturday 21 February, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ୩.୧୦ ଲକ୍ଷ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ

ଭୁବନେଶ୍ୱର,୨୦।୨(ନି.ପ୍ର.): : ରାଜ୍ୟ ବଜେଟ୍ ୨୦୨୬-୨୭ ଉପସ୍ଥାପିତ। ମୋଟ ୩ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏଥିରେ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କ୍ରୀଡା, ଶିଳ୍ପ, ବାଣିଜ୍ୟ, ମହିଳା ଓ ଶିଶୁ ବିକାଶ କଲ୍ୟାଣ, ସାମାଜିକ ସଶକ୍ତୀକରଣ ଆଦି ବିକାଶମୂଳକ କାର୍ଯ୍ୟ ପାଇଁ ଲକ୍ଷ୍ୟ ରଖାଯାଇଛି।

ଗତବର୍ଷ ତୁଳନାରେ ବଜେଟ ଆକାରରେ ୬.୯ ପ୍ରତିଶତ ବୃଦ୍ଧି କରାଯାଇଛି । ପ୍ରଶାସନିକ ଖର୍ଚ୍ଚ ପାଇଁ ୧ ଲକ୍ଷ ୧୪ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିରେ ଚ଼ଳିତ ବଜେଟରେ ମୁଖ୍ୟମନ୍ତ୍ରୀ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପାଇଁ ୨୩,୧୮୨ କୋଟିଟଙ୍କାର ଏକ ବିପୁଳ ବ୍ୟୟ ବରାଦ ପ୍ରସ୍ତାବ ରଖିଛନ୍ତି ,ଯେଉଁଥିରେ କାର୍ଯ୍ୟକ୍ରମ ବ୍ୟୟ ପାଇଁ ୧୭ ହଜାର ୭ ଶହ ୩୭ କୋଟି ଟଙ୍କା ସାମିଲ ଅଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରସ୍ତାବିତ ଏହି ବ୍ୟୟ ମୋଟ ବଜେଟ୍ ଆକାରର ୭.୫ ପ୍ରତିଶତରୁ ଅଧିକ। ଯାହା ଆମର ପ୍ରତିବଦ୍ଧତା , ଅଭିପ୍ରାୟ ଓ କାର୍ଯ୍ୟଧାରାକୁ ପ୍ରତିଫଳିତ କରେ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣା ଏବଂ ଆପଣମାନଙ୍କ ଅକୁଣ୍ଠ ଭରସାକୁ ପାଥେୟ କରି ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆମେ ଦୃଢ଼ ପଦକ୍ଷେପ ନେଉଛୁ। ପୁରୀର ବିକାଶ ପାଇଁ ରାଜ୍ୟ ସରକାର ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି। ୧ ହଜାର କୋଟି ଟଙ୍କାରେ ବିଶ୍ୱସ୍ତରୀୟ ସଂଗ୍ରହାଳୟ ସହିତ ଅନ୍ୟ ପ୍ରକଳ୍ପ ହାତକୁ ନିଆଯାଇଛି। ମହାପ୍ରଭୁଙ୍କ ପାଇଁ 'ସମର୍ପଣ' ଡିଜିଟାଲ ହୁଣ୍ଡି ଆରମ୍ଭ କରାଯାଇଛି। ଏହାରି ମାଧ୍ୟମରେ ଦେଶ-ବିଦେଶର ଭକ୍ତମାନେ ଯୋଡି ହୋଇପାରିବେ। ପୁରୀ ପାଇଁ ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ୫୦୦୦ କୋଟି ଟଙ୍କା ଅନୁମୋଦନକୁ ପ୍ରସ୍ତାବ ଦେଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଆମର ଲକ୍ଷ୍ୟ ସ୍ପଷ୍ଟ - ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ବିକାଶର ସୁଫଳ ପହଞ୍ଚାଇବା। ଅନ୍ନଦାତାଙ୍କ ସମୃଦ୍ଧି, ନାରୀଶକ୍ତିଙ୍କ ସଶକ୍ତିକରଣ ଏବଂ ଯୁବପିଢ଼ିଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରି 'ଅନ୍ତ୍ୟୋଦୟ'ର ସ୍ୱପ୍ନକୁ ସାକାର କରିବା ପାଇଁ ଏହି ବଜେଟ୍ ସଂକଳ୍ପବଦ୍ଧ। ଆସନ୍ତୁ, ଏକ ସମୃଦ୍ଧ ଓ ସ୍ୱାଭିମାନୀ ଓଡ଼ିଶା ଗଠନର ଏହି ମହାଯଜ୍ଞରେ ଆମେ ସମସ୍ତେ ସହଭାଗୀ ହେବା।

ମୁଖ୍ୟମନ୍ତ୍ରୀ ବଜେଟ୍‌ରେ କହିଛନ୍ତି , ଆମ ସରକାର ସମସ୍ତଙ୍କ ପାଇଁ ନ୍ୟାୟୋଚ଼ିତ , ସୁଲଭ ଓ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ସହ ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା ଅଭିମୁଖେ ଦ୍ରୁତ ଗତିରେ ଅଗ୍ରସର ହେଉଛି। ମାଗଣା ଓ ସୁନିଶ୍ଚିତ ସ୍ୱାସ୍ଥ୍ୟ ସେବା , ମାନବ ସମ୍ବଳର ସୁଦୃଢ଼ୀକରଣ , ଅତ୍ୟାଧୁନିକ ଜନସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ , ସେବା ଯୋଗାଣରେ ସମ୍ପ୍ରସାରଣ , ଚ଼ିକିତ୍ସା ବୈଷୟିକ ଜ୍ଞାନକୌଶଳର ବ୍ୟବହାର , ଘରୋଇ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କ ବିନିଯୋଗ, ଆୟୁଷ ବ୍ୟବସ୍ଥାକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କୁ ବହୁବିଧ ଦକ୍ଷତା ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦେଉଛି। ଏଥିପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ଗୁରୁତ୍ୱ ଦିଆଯାଇଛି।

ଆହୁରି ମଧ୍ୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ଲାଇବ୍ରେରୀ କେନ୍ଦ୍ର ପାଇଁ ୧ ହଜାର କୋଟି , ଶ୍ରୀଜଗନ୍ନାଥ ମନ୍ଦିର ପାଇଁ 'ସମର୍ପଣ' ନାଁରେ ଅନଲାଇନ୍ ଡିଜିଟାଲ ହୁଣ୍ଡି , ରତ୍ନଭଣ୍ଡାର ଗଣତିମଣତି ପାଇଁ ୫ କୋଟି ଟଙ୍କା ପ୍ରସ୍ତାବ ହୋଇଛି। ବଜେଟରେ ଠଇ-ଏ ଜଇଗ ଏ ପାଇଁ ୫୫୭୫ କୋଟି ଟଙ୍କା , ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା ପାଇଁ ୬୩୫ କୋଟି -୧୦୦ ସ୍ମାର୍ଟ ଫାର୍ମ ମାର୍କେଟ (ମଡେଲ୍ ମଣ୍ଡି) ପାଇଁ ୧୦୦ କୋଟି ,ବିଶ୍ୱର ବୃହତ ଶସ୍ୟ ଷ୍ଟୋରେଜ୍ ଯୋଜନା ପାଇଁ ୨୪୦ କୋଟି , ରେୟାର ଆର୍ଥ କରିଡର୍ ପାଇଁ ୧୦ କୋଟି ଟଙ୍କା ,ରାଜ୍ୟ ଇଓ ମିଶନ ପାଇଁ ୨୩ କୋଟି ଓ ଟୁରିଜିମ୍ ଲ୍ୟାଣ୍ଡ ବ୍ୟାଙ୍କ ସ୍କିମ୍ ବାବଦକୁ ୧୫୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି।



ରାଜ୍ୟରେ ବିକାଶର ଦିଗକୁ ତ୍ୱରାନ୍ୱିତ କରିବା ତଥା ସାଧାରଣ ଜନତାଙ୍କ ଜୀବନଶୈଳୀରେ ଉନ୍ନତି ଆଣିବାକୁ ଚ଼ଳିତ ଆର୍ଥିକ ବର୍ଷରେ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରାଯାଇଛି। ସମସ୍ତ ତମାମ ବିଭାଗ ଗୁଡିକ ମଧ୍ୟରୁ ଉଚ୍ଚଶିକ୍ଷା ମାଧ୍ୟମରେ ରାଜ୍ୟର ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି ରାଜ୍ୟ ସରକାର।

ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ ବେସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ୪ ଶହ ୭୦ କୋଟି ଟଙ୍କାର ପ୍ରସ୍ତାବ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ଏହା ବ୍ୟତୀତ ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ ପାଇଁ ୫୦ କୋଟି ଟଙ୍କା ଏବଂ ସରକାରୀ ଏବଂ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ପରୀକ୍ଷାଗାର ପାଇଁ ୨୫ କୋଟି ଟଙ୍କା ପ୍ରସ୍ତାବ ଦେଇଛନ୍ତି ରାଜ୍ୟ ସରକାର।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସରକାର ଉଚ୍ଚ଼ ଶିକ୍ଷା ଭିତ୍ତିଭୂମି ଏବଂ ଗୁଣବତ୍ତାକୁ ସୁଦୃଢ଼ କରିବା ଲାଗି ଧ୍ୟାନ କେନ୍ଦ୍ରିତ ନିବେଶ ଜରିଆରେ କାର୍ଯ୍ୟ କରୁଛନ୍ତି। ରାଜ୍ୟ ବିଶ୍ୱବିଦ୍ୟାଳୟ, ସରକାରୀ ,କଲେଜ ଏବଂ ବେସରକାରୀ ଅନୁଦାନପ୍ରାପ୍ତ କଲେଜ ଗୁଡିକର ଭିତ୍ତିଭୂମି ବିକାଶ ପାଇଁ ୪୭୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ଏହା ବ୍ୟତୀତ ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ ପାଇଁ ୫୦ କୋଟି ଟଙ୍କା ଏବଂ ଅନୁଦାନପ୍ରାପ୍ତ କଲେଜ ଗୁଡିକରେ ପରୀକ୍ଷାଗାର ପାଇଁ ୨୫ କୋଟି ଟଙ୍କା ପ୍ରସ୍ତାବ ଦିଆଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ବଡ ଘୋଷଣା କରିଛନ୍ତି। କହିଛନ୍ତି କି, ମୁଁ ଆନନ୍ଦିତ ଯେ, ଆମେ କେନ୍ଦ୍ରାପଡା, ଜଗତସିଂହପୁର, ଭଦ୍ରକ ଏବଂ ଝାରସୁଗୁଡା ଜିଲ୍ଲା ମୁଖ୍ୟାଳୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଯାଉଛୁ। ଏହି ନୂତନ ଅନୁଷ୍ଠାନ ଗୁଡିକ ଏନଇପି-୨୦୨୦ ଅନୁଯାୟୀ ପ୍ରଥମ ଦିନରୁ ସ୍ନାତକୋତ୍ତର ପାଠ୍ୟକ୍ରମରେ ମୌଳିକ ଭାବରେ ଅଭିନବ ଶିକ୍ଷାଦାନ କାର୍ଯ୍ୟାକାରୀ କରିବାର ଅନନ୍ୟ ସୁବିଧା ପାଇପାରିବେ। ତେବେ ଏବେ ଯାଏଁ ରାଜ୍ୟରେ ୪୪ଟି ସରକାରୀ ବିଶ୍ୱବିଦ୍ୟାଳୟ ରହିଛି, ନୂତନ କରି ଖୋଲିବାକୁ ଯାଉଥିବା ୪ ବିଶ୍ୱବିଦ୍ୟାଳୟକୁ ମିଶାଇଲେ ଏହି ସଂଖ୍ୟା ୪୮ରେ ପହଞ୍ଚିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି , ଆମର ସମସ୍ତ ଚ଼ାଲୁ ରହିଥିବା ଯୋଜନା ବ୍ୟତୀତ, ମୁଁ ସମସ୍ତ ଅସମ୍ପୂର୍ଣ୍ଣ ଅଙ୍ଗନୱାଡ଼ି କେନ୍ଦ୍ରକୁ ସମୟବଦ୍ଧ ଭିତ୍ତିରେ ସମ୍ପୂର୍ଣ୍ଣ କରିବା ପାଇଁ ଏକ ନୂତନ ଯୋଜନା 'ସମୃଦ୍ଧ ଅଙ୍ଗନୱାଡି ଯୋଜନା' ପ୍ରସ୍ତାବ ଦେଉଛି । ଏହି ନୂତନ ଯୋଜନାରେ କ୍ରେଚ୍ ସୁବିଧା ବିନା ପ୍ରତି କେନ୍ଦ୍ର ପିଛା ୧୫ ଲକ୍ଷ ଟଙ୍କା ଏବଂ କ୍ରେଚ୍ ସୁବିଧା ଥିବା କେନ୍ଦ୍ର ପିଛା ୨୦ ଲକ୍ଷ ଟଙ୍କା ମୂଲ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରାଯିବ । ଏହି ନୂଆ ଯୋଜନା ପାଇଁ ମୁଁ ୨୦୨୬-୨୭ଆର୍ଥିକ ବର୍ଷରେ ୬ ଶହ ୩୫ କୋଟି ଟଙ୍କାର ପ୍ରସ୍ତାବ ଦେଉଛି ।

### ବଜେଟ୍‌ର ସାଂରାଶ...

ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା- ୬୩୫ କୋଟି ଟଙ୍କା
ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନାର ଶୁଭାରମ୍ଭ
ଶ୍ରୀଅନ୍ନ ଯୋଜନା ପାଇଁ ୪୦୦ କୋଟି ଟଙ୍କା
ଫିଟ୍ ଓଡ଼ିଶା ମିଶନ- ୧୦ କୋଟି ଟଙ୍କା
ଡାଲଖାଇ ଯୋଜନା- ୨୨୦ କୋଟି ଟଙ୍କା
ବାରିପଦାରେ ପ୍ରତିଷ୍ଠା ହେବ ଛଉ ଏକାଡେମି
ସୁଜଳା ଯୋଜନା- ୮୨୦ କୋଟି ଟଙ୍କା
ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ଯୋଜନା- ୭୩୨ କୋଟି
ସୁଭଦ୍ରା ଯୋଜନା- ୧୦ ହଜାର ୧୪୫ କୋଟି
ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା- ୬୩୦୯ କୋଟି
ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନାର ଶୁଭାରମ୍ଭ
ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ- ୫ ହଜାର ୮ କୋଟି
ମୁଖ୍ୟମନ୍ତ୍ରୀ ସ୍ମାର୍ଟ ଯୋଜନା- ୧୦୦ କୋଟି
ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ଯୋଜନା- ୭୩୨ କୋଟି
ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା- ୬୩୫ କୋଟି
ଶ୍ରୀଅନ୍ନ ଯୋଜନା- ୪୦୦ କୋଟି ଟଙ୍କା
ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ- ୫୦୦ କୋଟି
ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ- ୧୦୧୦ କୋଟି
ସମୃଦ୍ଧ କୃଷକ ଯୋଜନା ପାଇଁ ୬୦୮୮ କୋଟି
ଅମୃତ ପ୍ରକଳ୍ପ ଯୋଜନା ପାଇଁ ୯୧୬ କୋଟି
ଓଡ଼ିଆ ଅସ୍ମିତା ପାଇଁ ୩୭୪ କୋଟି ଟଙ୍କା
ଫୁଲନଖରାରେ ହେବ ୨୪ ଘଣ୍ଟିଆ ପ୍ରାଣୀ ଚ଼ିକିତ୍ସାଳୟ
ରାଜ୍ୟରେ ପ୍ରତିଷ୍ଠା ହେବ ୪ଟି ନୂଆ ବିଶ୍ୱବିଦ୍ୟାଳୟ
ମୟୂରଭଞ୍ଜରେ ହେବ ନୂଆ କୃଷି ବିଶ୍ୱବିଦ୍ୟାଳୟ
ରତ୍ନଭଣ୍ଡାର ଖୋଲିବା ପାଇଁ ୫ କୋଟି
ପିପିଲି ଟୋଲଗେଟ୍ ନିକଟରେ ହେବ ପିପିଲି ଚ଼ାନ୍ଦୁଆ ବଜାର
ରାଜ୍ୟ ଏଆଇ ମିଶନ ପାଇଁ ୨୩ କୋଟି
ଓଡ଼ିଆ ଅସ୍ମିତା ପାଇଁ ୩୭୪ କୋଟି ଟଙ୍କା
କ୍ରୀଡ଼ା ଭିତ୍ତିଭୂମି ପାଇଁ ୯୦୦ କୋଟି
ସ୍ୱାସ୍ଥ୍ୟ ବିଭାଗ ପାଇଁ ୨୩୧୮୨ କୋଟି ଟଙ୍କା
ରେଳ ପ୍ରକଳ୍ପ ଉନ୍ନତି ପାଇଁ ୪୫୦
ଗ୍ରୀନ ମହାନଦୀ ମିଶନ- ୯୦ କୋଟି
ପୁରୀରେ ହେବ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର
ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା- ୧୫୦ କୋଟି
ଆନ୍ତ-ରାଜ୍ୟ ନଦୀ ସଂଯୋଗୀକରଣ ପାଇଁ ୧୦ କୋଟି

# ସୁଭଦ୍ରା ଯୋଜନା ପାଇଁ ୧୦ହଜାର କୋଟି

## ବିଏ ପାସ୍ କଲେ ଝିଅଙ୍କୁ ମିଳିବ ୧ ଲକ୍ଷ ୧ ଟଙ୍କା

ଭୁବନେଶ୍ୱର,୨୦।୨(ନି.ପ୍ର.): ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ମାଝୀ ଚ଼ଳିତ ବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଆଗତ କରିଛନ୍ତି । ଏହି ବଜେଟରେ ସାଧାରଣ ଜନତାଙ୍କ ପାଇଁ କଲ୍ୟାଣକାରୀ ଯୋଜନା ସହ ସୁଭଦ୍ରା ଯୋଜନା ଉପରେ ସ୍ୱତନ୍ତ୍ର ଫୋକସ୍ ଦିଆଯାଇଛି ।ସୁଭଦ୍ରା ଯୋଜନା ପାଇଁ ୧୦ ହଜାର ୧୪୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହା ଯୋଗୁ ୧ କୋଟିରୁ ଉର୍ଦ୍ଧ୍ୱ ମହିଳା ଉପକୃତ ହେବେ । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପାଇଁ ୧୨ କୋଟି ଟଙ୍କା ବ୍ୟୟବରାଦ ହୋଇଛି ।ଏହାସହ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଘୋଷଣା ହୋଇଛି । ଆର୍ଥିକ ଦୁର୍ବଳ



ଝିଅଙ୍କୁ ସ୍ନାତକ ପାଇଁ ଯୋଜନା କାର୍ଯ୍ୟ କରିବ । ଗରିବ ଝିଅଙ୍କ ନାଁରେ ୨୦ ହଜାର ଟଙ୍କାର ସଞ୍ଚୟ ଉପକରଣ ସୃଷ୍ଟି ହେବ । ସ୍ନାତକ ସମାପ୍ତ ପରେ ୧ ଲକ୍ଷ ୧ ଟଙ୍କା ପ୍ରଦାନ କରାଯିବ ।

# ବାଣ ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ୩କୁ ବୃଦ୍ଧି

କଟକ,୨୦।୨(ନି.ପ୍ର.): ଜଗତପୁର ବାଣ ବିସ୍ଫୋରଣ ଘଟଣାରେ ଆଉ ଜଣଙ୍କ ମୃତ୍ୟୁ ଘଟିଛି। ଏହା ସହିତ ଏହି ଘଟଣାରେ ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି ପାଇଛି ।ଗତକାଲି ମା' ଓ ଶିଶୁକୁ ମୃତ ଘୋଷଣା କରିଥିଲେ ଡାକ୍ତର। ଆଜି ଚ଼ିକିତ୍ସାଧୀନ ଅବସ୍ଥାରେ ଆଉ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଗତକାଲି କଟକର ଜଗତପୁରର ମହାଜନପୁରରେ ଗୋବିନ୍ଦ ନାୟକଙ୍କ ଘରେ ବାଣ ବିସ୍ଫୋରଣ ହୋଇଥିଲା। ଘରେ ବାଣ ଭିଡିବା ବେଳେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ଏଥିରେ ୩ ଜଣ ଗୁରୁତର ହୋଇ ଆହତ ହୋଇଥିଲେ।

# ପୁରୀ ଐତିହ୍ୟର ପୁନରୁଦ୍ଧାର ପାଇଁ ୧୦୦୦ କୋଟି

ଭୁବନେଶ୍ୱର : ଗୃହରେ ବଜେଟ ଉପସ୍ଥାପନ ଆରମ୍ଭରୁ ବନ୍ଦେ ମାତରମ ଆଉ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି ବଜେଟ ପେଡି ଖୋଲିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଓଡିଶାର ବିକାଶଧାରାକୁ ଆଗକୁ ନେବା ପାଇଁ ଚ଼ଳିତବର୍ଷ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଗତ ବର୍ଷ ତୁଳନାରେ ଏହି ବଜେଟର ଆକାର ଯଥେଷ୍ଟ ବୃଦ୍ଧି ପାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି, ଯାହା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ସଙ୍କ ?ତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି କି, ମହାପ୍ରଭୁ ଜଗନ୍ନାଥଙ୍କ ଅନନ୍ତ ମହିମାର ସଂରକ୍ଷଣ ଓ ସଂବର୍ଦ୍ଧନ ଆମର ପବିତ୍ର କର୍ତ୍ତବ୍ୟ। ଏହି ପ୍ରତିବଦ୍ଧତା ସହିତ ଆମ ସରକାର ପୁରୀରେ ପ୍ରାୟ ୧ ହଜାର କୋଟି ବ୍ୟୟ ଅଟକଳରେ ଏକ ବିଶ୍ୱସ୍ତରୀୟ ଶ୍ରୀ ଜଗନ୍ନାଥ ସଂଗ୍ରହାଳୟ ଏବଂ ଲାଇବ୍ରେରୀ କେନ୍ଦ୍ର ପ୍ରତିଷ୍ଠା କରିବା ସହ ଗୁଣ୍ଡିଚ଼ା ମନ୍ଦିର, ଏମାର ମଠ, ପ୍ରମୋଦ ଉଦ୍ୟାନ ଏବଂ ଐତିହାସିକ ରଘୁନନ୍ଦନ ପାଠାଗାରର ଆଧ୍ୟାତ୍ମିକ ଗୌରବକୁ ପୁନରୁଦ୍ଧାର କରାଯିବ।

ଶ୍ରୀ ଜଗନ୍ନାଥ ମନ୍ଦିର ପୁରୀ ପାଇଁ "ସମର୍ପଣ" ନାମରେ ଏକ ସୁରକ୍ଷିତ ଅନଲାଇନ ଦାନ ପ୍ଲାଟ ଫର୍ମ "ଡିଜିଟାଲ ହୁଣ୍ଡି" ପ୍ରଚ଼ଳନ ହେବ। ଏହି ପ୍ଲାଟଫର୍ମ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ସରକାରୀ ପୋର୍ଟାଲ ସହିତ ସମନ୍ୱିତ ଏକ ଏକୀକୃତ ପ୍ରବେଶପଥ ମାଧ୍ୟମରେ ଭାରତ ତଥା ବିଦେଶର ଭକ୍ତମାନଙ୍କୁ ଶ୍ରୀମନ୍ଦିର ସହିତ ସଂଯୋଗ କରିବ ।

# ବାରିପଦାରେ ପ୍ରତିଷ୍ଠା ହେବ ମୟୂରଭଞ୍ଜ ଛଉ ଏକାଡେମୀ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ବଜେଟ୍ ? ୨୦୨୬-୨୭ ଉପସ୍ଥାପନ ସମୟରେ ଶୁକ୍ରବାର କହିଛନ୍ତି, ଓଡ଼ିଶାର ସମୃଦ୍ଧ ଐତିହ୍ୟ, ଭାଷା ଏବଂ ସାଂସ୍କୃତିକ ସମ୍ପଦ, ଏହାକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚ଼ୟ ପ୍ରଦାନ କରେ। ଭୁବନେଶ୍ୱରରେ ଏକ ବିଶ୍ୱ ମାନର ସଂଗ୍ରହାଳୟ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଛି, ଯାହା ଆମର ଗୌରବମୟ ଅତୀତକୁ ପ୍ରଦର୍ଶନ କରିବ। ସାମରିକ କଳା କୌଶଳ 'ଛଉ' ଆମର ଗର୍ବ। ଆମେ ବାରିପଦା ଠାରେ 'ମୟୂରଭଞ୍ଜ ଛଉ ଏକାଡେମୀ' ପ୍ରତିଷ୍ଠା କରିବୁ, ଯାହା ପାଇଁ ବଜେଟରେ ୧୦ କୋଟି ଟଙ୍କାର ବ୍ୟବସ୍ଥା ପ୍ରାବଧାନ କରାଯାଇଛି।

# ଉଚ୍ଚଶିକ୍ଷା ପ୍ରତି ସରକାରଙ୍କ ଗୁରୁତ୍ୱ

## ମେଧାବୀ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ ସହିତ ମିଳିବ ବାର୍ଷିକ ୩୦ ହଜାର ଟଙ୍କା

ଭୁବନେଶ୍ୱର,୨୦।୦୨: ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଶୁକ୍ରବାର ବିଧାନସଭାରେ ବଜେଟ ମୁଣି ଖୋଲିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ। ରାଜ୍ୟରେ ବିକାଶର ଦିଗକୁ ତ୍ୱରାନ୍ୱିତ କରିବା ତଥା ସାଧାରଣ ଜନତାଙ୍କ ଜୀବନଶୈଳୀରେ ଉନ୍ନତି ଆଣିବାକୁ ଚ଼ଳିତ ଆର୍ଥିକ ବର୍ଷରେ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରାଯାଇଛି। ସମସ୍ତ ତମାମ ବିଭାଗ ଗୁଡିକ ମଧ୍ୟରୁ ଉଚ୍ଚଶିକ୍ଷା ମାଧ୍ୟମରେ ରାଜ୍ୟର ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି ରାଜ୍ୟ ସରକାର।



ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ ବେସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ୪ ଶହ ୭୦ କୋଟି ଟଙ୍କାର ପ୍ରସ୍ତାବ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ଏହା ବ୍ୟତୀତ ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ ପାଇଁ ୫୦ କୋଟି ଟଙ୍କା ଏବଂ ସରକାରୀ ଏବଂ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ପରୀକ୍ଷାଗାର ପାଇଁ ୨୫ କୋଟି ଟଙ୍କା ପ୍ରସ୍ତାବ ଦେଇଛନ୍ତି ରାଜ୍ୟ ସରକାର।

ସେହିଭଳି ଉଚ୍ଚ଼ଶିକ୍ଷା ହାସଲରେ ସମାନ ସୁଯୋଗ ପାଇଁ 'ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା'କୁ ଜାରି ରଖିବାକୁ ପ୍ରସ୍ତାବ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ଇ-ମେଧାବୃତ୍ତି ଜରିଆରେ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ବାର୍ଷିକ ୧୦ ହଜାର ଟଙ୍କା ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ୧୫ ହଜାର ଟଙ୍କା ବୃଦ୍ଧିର ବ୍ୟବସ୍ଥା ରହିଛି। ସେହିପରି ବ୍ୟାସକବୀ ଫକୀର ମୋହନ ଛାତ୍ରବୃତ୍ତି ବୃଦ୍ଧି ଯୋଜନାରେ +୩ ଓଡ଼ିଆ ସମ୍ମାନ ପାଇଁ ଛାତ୍ର ପିଛା ୨୦ ହଜାର ଟଙ୍କା ବୃଦ୍ଧି ଏବଂ ସ୍ନାତକୋତ୍ତର ସ୍ତରରେ ୩୦ ହଜାର ଟଙ୍କା ବୃଦ୍ଧିର ବ୍ୟବସ୍ଥା ରହିଛି ।ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା ବଞ୍ଚିତ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୨୦ ହଜାର ଟଙ୍କା ଏବଂ ବିଦେଶରେ ସ୍ନାତକୋତ୍ତର ଏବଂ ଡକ୍ଟରାଲ ଅଧ୍ୟୟନ ପାଇଁ ୫୦ ଲକ୍ଷ ଟଙ୍କାର ସୀମା ସହିତ ୫୦ ଜଣ ଅନୁସୂଚ଼ିତ ଜାତି/ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ବିଦେଶ ଶିକ୍ଷାବୃତ୍ତି ପ୍ରଦାନ କରାଯିବ । ଏହା ବ୍ୟତୀତ ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା ଅଧୀନରେ +୨ ପାସ୍ କରିଥିବା ୧୫ ହଜାର ମେଧାବୀ ଛାତ୍ରଛାତ୍ରୀଙ୍କୁ ଲାପଟପ କିଣିବା ପାଇଁ ବାର୍ଷିକ ୩୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ।ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଅଧିକ ମହିଳା ନାମଲେଖା ଏବଂ ଶିକ୍ଷାକୁ ବଜାୟ ରଖିବା ଲକ୍ଷ୍ୟରେ ଆବାସ ଏବଂ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ, ୨୦୨୬-୨୭ କେନ୍ଦ୍ର ବଜେଟରେ ଭାରତର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ବାଳିକା (ମହିଳା) ହଷ୍ଟେଲ ପାଇଁ ଘୋଷଣା କରାଯାଇଛି। ଏହି ପଦକ୍ଷେପର ପରିପୂରକ ଭାବେ, ଉଚ୍ଚ଼ଶିକ୍ଷା ସଂସ୍ଥାନଗୁଡ଼ିକରେ ଛାତ୍ରୀମାନଙ୍କ ପାଇଁ ହଷ୍ଟେଲ୍ ନିର୍ମାଣ ପାଇଁ ଏକ ନୂତନ ଯୋଜନାର ପ୍ରସ୍ତାବ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ସେହିଭଳି କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଏବଂ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟାଳୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ନୂତନ ଅନୁଷ୍ଠାନଗୁଡିକ ଏନଇପି (ଜାତୀୟ ଶିକ୍ଷା ନୀତି)- ୨୦୨୦ ଅନୁଯାୟୀ ପ୍ରଥମ ଦିନରୁ ସ୍ନାତକୋତ୍ତର ପାଠ୍ୟକ୍ରମରେ ମୌଳିକ ଭାବରେ ଅଭିନବ ଶିକ୍ଷାଦାନ କାର୍ଯ୍ୟକାରୀ କରିବାର ଅନନ୍ୟ ସୁବିଧା ପାଇପାରିବେ ।

### ଡାହୁକ



ଯେମିତି ବଢୁଛି ରାଜ୍ୟରେ ଗରିବି
ଥିଲେ ମୁହେଁ ଟିକେ ଲାଜ
କହୁଥାନ୍ତା କାଣ ବିଜେପି ସର୍କାର
ପ୍ରଗତିରେ ଦେଶ ରାଜ୍ୟ
ଯାହା ଦଉ,ଦାମ ଭୋଟ
କାଣ ଭାବିକି ଭୋଟ ଦେଇଛେ
ଭାବିଲେ ଲାଗୁଛି ଲାଜ
-ବିଧୁ

# ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଚାଷୀଙ୍କୁ ଫାଇଦା

ଭୁବନେଶ୍ୱର: ବିଧାନସଭାରେ ଆଗତ ହେଲା ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍। ଲଗାତର ତୃତୀୟ ଥର ପାଇଁ ବିଧାନସଭାରେ ବଜେଟ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ। ଆର୍ଥିକ ବର୍ଷ ୨୦୨୬-୨୭ର ଆୟ ବ୍ୟୟର ହିସାବ ଓ ସମାଧାନର ବାଟ ବଜେଟରେ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଚ଼ଳିତ ବଜେଟରେ ମୁଖ୍ୟମନ୍ତ୍ରୀ-କିଷାନ ଯୋଜନା ଅଧିନରେ ୨ହଜାର ୩୦ କୋଟି ଟଙ୍କାର ପ୍ରସ୍ତାବ ରହିଛି।

ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଚ଼ାଷୀ, ଜମି ମାଲିକ, ଭୂମିହୀନ ପରିବାର ଏବଂ ବିଶେଷ ଭାବେ ସମ୍ବେଦନଶୀଳ ଜନଜାତିଙ୍କ ପାଖରେ ଅତିରିକ୍ତ ସହାୟତା ପହଞ୍ଚାଇ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ-କିଷାନ ଯୋଜନାକୁ ମୁଖ୍ୟମନ୍ତ୍ରୀ-କିଷାନ ଯୋଜନା ଜରିଆରେ କାର୍ଯ୍ୟକାରୀ କରି ଆସୁଛନ୍ତି। ୨୦୨୫-୨୬ ବର୍ଷରେ ୩ ହଜାର ୨ ଶହ ୩୬ ଜଣ ଚଠଙ୍ଗଏ ଚ଼ାଷୀ, ୩୧ ହଜାର ୬ ଶହ ୯୫ ଜଣ ସହରାଞ୍ଚଳ ଚ଼ାଷୀ ଏବଂ ୩୯ ହଜାର ୨ ଶହ ୩୯ ଜଣ ଭୂମିହୀନ ଭୂମି କୃଷି ପରିବାର ସମେତ ୫୧ ଲକ୍ଷ ୫୬ ହଜାର କୃଷକଙ୍କ ନିକଟରେ ଏହି ସହାୟତା ପହଞ୍ଚିପାରିଛି। ଏହି ପ୍ରମୁଖ ଯୋଜନାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୨ ହଜାର ୩୦ କୋଟି ଟଙ୍କାର ପ୍ରସ୍ତାବ ରହିଛି ।ସେହିପରି ମାଣ୍ଡିଆ ଭଳି ଜଳବାୟୁ ସହନଶୀଳ ଏବଂ

| |
|---|
| ଶ୍ରୀଅନ୍ନ ଅଭିଯାନ' ପାଇଁ ୪ଶହ କୋଟି ଟଙ୍କା |
| ଅଣଧାନ ଚ଼ାଷ ପାଇଁ ୪ ଶହ ୬୯ କୋଟି ଟଙ୍କା |
| ୬ଟି ଜିଲ୍ଲାରେ କଫି ଚ଼ାଷ ପାଇଁ ୧ ଶହ ୫୦ କୋଟି ଟଙ୍କା |
| ଆଖୁ ଚ଼ାଷ ପାଇଁ ୨୭ କୋଟି ଟଙ୍କା ଜୈବିକ ଚ଼ାଷ ପାଇଁ ୨୮ କୋଟି ଟଙ୍କା ବ୍ୟବସ୍ଥା |
| ଅବହେଳିତ ଶସ୍ୟର ପୁନରୁଦ୍ଧାର ପାଇଁ ୫୫ କୋଟି ଟଙ୍କା |
| 'କୃଷି ଉପକରଣର ଲୋକପ୍ରିୟତା' ଯୋଜନାକୁ ୪ ଶହ କୋଟି ଟଙ୍କା |

ପୁଷ୍ଟିକର ଶସ୍ୟକୁ ପୁନର୍ଜୀବିତ କରି ପୁଷ୍ଟିକର ଖାଦ୍ୟ ସୁରକ୍ଷା ଯୋଗାଇବା ପାଇଁ 'ଶ୍ରୀ ଅନ୍ନ ଅଭିଯାନ' ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୪ ଶହ କୋଟି ଟଙ୍କାର ବ୍ୟବସ୍ଥା ରହିଛି ।ଧାନ ଉପରେ ଅତ୍ୟଧିକ ନିର୍ଭରଶୀଳତାକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଜଳବାୟୁ ସହନଶୀଳ କୃଷିକୁ ପ୍ରାଥମିକତା ଦେଇ ବିଭିନ୍ନ କିସମର ଡାଲି, ତୈଳବୀଜ ଏବଂ ଦେଶୀ ସୁଗନ୍ଧିତ ଓ ଅଣସୁଗନ୍ଧିତ ଧାନ ଚ଼ାଷକୁ ପ୍ରୋତ୍ସାହିତ କରାଯାଉଛି। ଏଥିଲାଗି ବୃହତ୍ ଉଠା ଜଳସେଚ଼ନ ପ୍ରକଳ୍ପ ଅଞ୍ଚଳରେ ରେ ଫସଲ ବିବିଧିକରଣ କାର୍ଯ୍ୟକ୍ରମ, ସ୍ୱଦେଶୀ ପ୍ରଜାତିର ଧାନକୁ ପ୍ରୋତ୍ସାହନ ଏବଂ ଅମଳ ପରବର୍ତ୍ତୀ ଧାନ ପଡ଼ିଆର ବ୍ୟାପକ ପରିଚ଼ାଳନା ଆଦି ପଦକ୍ଷେପ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ମୋଟ ୪ ଶହ କୋଟି ଟଙ୍କାର ବ୍ୟୟ ବରାଦ ରହିଛି ।ଦୀର୍ଘସ୍ଥାୟୀ ଜୀବିକା ନିର୍ବାହ ପାଇଁ ଉଚ୍ଚ଼-ମୂଲ୍ୟଯୁକ୍ତ ବାଣିଜ୍ୟ ଉପଯୋଗୀ ଏବଂ ଜୈବିକ ଚ଼ାଷର ସୁପରିକଳ୍ପନା କରି ୬ ଟି ଜିଲ୍ଲା ରେ କଫି ଚ଼ାଷ ପାଇଁ ୧ ଶହ ୫୦ କୋଟି ଟଙ୍କାର ପ୍ରସ୍ତାବ ରହିଥିବା ବେଳେ "ପ୍ରଯୁକ୍ତିବିଦ୍ୟା ଦ୍ୱାରା ଆଖୁ ଚ଼ାଷ' ନିମନ୍ତେ ୨୭ ୨୭ କୋଟି ଟଙ୍କା ଏବଂ ବଳଭଦ୍ର ଜୈବିକ ଚ଼ାଷ ମିଶନ ନିମନ୍ତେ ୨୮ କୋଟି ଟଙ୍କ ଙ୍କାର ବ୍ୟବସ୍ଥା ରହିଛି ।ଚ଼ଳିତ ଆର୍ଥିକ ବର୍ଷରେ "ଓଡ଼ିଶାରେ ବିସ୍ମୃତ ଖାଦ୍ୟ/ ଅବହେଳିତ ଶସ୍ୟର ପୁନରୁଦ୍ଧାର' ଯୋଜନା ଆରମ୍ଭ କରିଛନ୍ତି ଯାହା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ୫୫ କୋଟି ଟଙ୍କାର ପ୍ରସ୍ତାବ ରହିଛି ।"କୃଷି ଉପକରଣର ଲୋକପ୍ରିୟତା' ଯୋଜନା ଅଧୀନରେ କୃଷି ଯାନ୍ତ୍ରିକୀକରଣ ନିମନ୍ତେ ୪ ଶହ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି ।

କୃଷି - ଉଦ୍ୟୋଗୀକତା ଏବଂ ଗ୍ରାମୀଣ ଜୀବିକାର ସଶକ୍ତିକରଣ ପାଇଁ ରାଜ୍ୟ କୃଷି ନୀତି ରେ କୃଷି ଉଦ୍ୟୋଗ ଏବଂ କୃଷି ସେବା କେନ୍ଦ୍ରଗୁଡିକୁ ପୁଞ୍ଜି ନିବେଶ ସହାୟତା ବାବଦକୁ ୪ ଶହ ୪୧ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଥିବାବେଳେ ନୂତନ "ଶୀତଳ ଭଣ୍ଡାର ନୀତି' ରେ ଅମଳ ପରବର୍ତ୍ତୀ ଭିତ୍ତିଭୂମିକୁ ମଜବୁତ କରିବା ଉଦ୍ଦେଶ୍ୟରେ ୬୩ କୋଟି ଟଙ୍କାର ପ୍ରସ୍ତାବ ରହିଛି ।



## ନୂତନ ବ୍ଲକ୍ ବିଜେଡି ସଭାପତି ହେଲେ ପଞ୍ଚାନନ ସ୍ୱାଇଁ

ଅସ୍ତରଙ୍ଗ,୨୦।୨:(ମନ୍ଥନ) ପୁରୀଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକ୍ ବିଜୁ ଜନତା ଦଳ ର ବରିଷ୍ଠ ନେତା ପଞ୍ଚାନନ ସ୍ୱାଇଁ ଙ୍କୁ ସଭାପତି ଭାବେ ଦଳ ନିଯୁକ୍ତ କରିଛି । ଅସ୍ତରଙ୍ଗ ବ୍ଲକ୍ ର ଜଣେ ପରିଚିତ ବ୍ୟକ୍ତିତ୍ୱ , ଶିକ୍ଷକ ନେତା , ଦୃଢ ସଂଗଠକ ଓ ପୂର୍ବ ତନ ଜିଲ୍ଲାପରିଷଦ ସଭ୍ୟ ଏବଂ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ର ନାଥ ନାୟକ ଙ୍କ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା । ବୁଧବାର ଦିନ ଦଳର ରାଜ୍ୟ ରାଜନୈତିକ ସଂଗଠନ ବ୍ୟାପାର ପକ୍ଷରୁ ତାଙ୍କ ନାମକୁ ଘୋଷଣା କରାଯାଇଛି । ମୋର କାର୍ଯ୍ୟ ଶୈଳୀ ଓ ସାଙ୍ଗଠନିକ ଦକ୍ଷତା ଉପରେ ଦଳ ଭରସା କରି ନିଯୁକ୍ତି ଦେଇଥିବାରୁ ରାଜ୍ୟ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ , ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ , କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଓ ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଙ୍କୁ ଶ୍ରୀଯୁକ୍ତ ସ୍ୱାଇଁ କୃତଜ୍ଞତା ଜଣାଇବା ସହ ଅସ୍ତରଙ୍ଗ ବାସୀଙ୍କ ପାଇଁ କାର୍ଯ୍ୟ କରିବି ବୋଲି କହିଛନ୍ତି ।

# ଚଳିତ ବର୍ଷ ମା' ତାରାତାରିଣୀଙ୍କ ଚୈତ୍ର ପର୍ବ ପାଳନ ନେଇ ଜିଲ୍ଲାପାଳଙ୍କ ପ୍ରସ୍ତୁତି ବୈଠକ

ଛତ୍ରପୁର / ପୁରୁଷୋତ୍ତମପୁର,୨୦।୨:(ମନ୍ଥନ) ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାକକ୍ଷ ସମ୍ମିଳନୀ କକ୍ଷଠାରେ ଆଜି ଅପରାହ୍ନରେ ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ୱି କୀର୍ତ୍ତି ୱାସନଙ୍କ ଅଧ୍ୟକ୍ଷତାରେ ଚୈତ୍ର ପର୍ବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ମାର୍ଚ୍ଚ ମାସ ୧୦ ତାରିଖରୁ ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ବହୁ ପ୍ରତିକ୍ଷିତ ଚୈତ୍ର ପର୍ବ ଆରମ୍ଭ ହେବାକୁ ଯାଉଛି । ଚଳିତ ବର୍ଷ ମାର୍ଚ୍ଚ ମାସର ୪ଟି ମଙ୍ଗଳବାର ଯଥା ୧୦, ୧୭, ୨୪ ଏବଂ ୩୧ ତାରିଖ ଦିନ ଏହି ପର୍ବ ମହାଆଡମ୍ବରରେ ଅନୁଷ୍ଠିତ ହେବ । କ୍ରମଶଃ ମା'ଙ୍କ ପୀଠକୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢିବାକୁ ଲାଗିଛି, ତେଣୁ ଚଳିତ ବର୍ଷ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ବିଗତ ବର୍ଷ ତୁଳନାରେ ଅଧିକ ସଂଖ୍ୟକ ଭକ୍ତ, ଶ୍ରଦ୍ଧାଳୁ ତଥା ମାନସିକଧାରୀଙ୍କ ସମାଗମ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ସମସ୍ତ ବିଭାଗୀୟ ଅଧିକାରୀ ମାନେ ପ୍ରାକ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଭକ୍ତ ମାନଙ୍କ



ଯାତାୟତ ପାଇଁ ଅଧିକ ବସ ସେବାର ବ୍ୟବସ୍ଥା, ଆବଶ୍ୟକୀୟ ପାନୀୟ ଜଳ ଯୋଗାଣ, ଅନ୍ନ ପ୍ରସାଦ, ମୁଣ୍ଡନ ସକାଶେ ଉପଯୁକ୍ତ ସ୍ଥାନ ନିରୂପଣ, ସାଜସଜ୍ଜା ଓ ଆଲୋକୀକରଣ, ତୋରଣ ନିର୍ମାଣ, ଦୈନିକ ପୂଜାବିଧି, ଚଣ୍ଡୀ ଯଜ୍ଞ, ଆଇନ ଶୃଙ୍ଖଳା ପରିସ୍ଥିତି, ଦୀପ ଲଗାଇବା ସ୍ଥାନ, ଟ୍ରାଫିକ ନିୟନ୍ତ୍ରଣ, ଭ୍ରାମ୍ୟମାଣ ଶୌଚାଳୟ, ପରିମଳ, ଅଗ୍ନିଶମ ନିର୍ବାପକ, ପ୍ରାଥମିକ ଚିକିତ୍ସା ସମେତ ଅଂଶୁଘାତ ଚିକିତ୍ସା ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ଦାନ, ରାସ୍ତା ମରାମତି, ଅସ୍ଥାୟୀ ସୂଚନା କେନ୍ଦ୍ର, ଭଜନ ସମାରୋହ, ରୋପୱେ ଯାତ୍ରୀ ପରିବହନ ବ୍ୟବସ୍ଥା ଆଦି ସମସ୍ତ ବିଷୟରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା । ବିଗତ ବର୍ଷ ମାନଙ୍କରେ ଯେଉଁ ସବୁ ଅସୁବିଧା ପରିଲିକ୍ଷିତ ହୋଇଥିଲା ତାହା ଯେପରି ଏ ବର୍ଷ ପୁନରାବୃତ୍ତି ହେବ ନାହିଁ ସେଥି ନିମନ୍ତେ ବିଶେଷ ଯତ୍ନବାନ ହେବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବିଗତ ବର୍ଷ ଭଳି ଚାରୋଟି ସ୍ଥାନରେ ମୁଣ୍ଡନ କରାଯିବ, ସେଠି ଭକ୍ତ ମାନଙ୍କ ପାଇଁ ଆଲୋକୀକରଣ ଓ ସୁରକ୍ଷା ବ୍ୟବସ୍ଥା କରାଯିବ, ନଦୀ କୂଳରେ ଭକ୍ତଗଣ ଯେପରି ସୁବିଧାରେ ସ୍ନାନ କରିବା ସହିତ ଜଳ ଉଠାଇ ପାରିବେ ସେଥି ପାଇଁ ଆବଶ୍ୟକୀୟ ଆଲୋକୀକରଣ ଓ ଅନ୍ୟାନ୍ୟ ବନ୍ଦୋବସ୍ତ କରାଯିବ । ପ୍ରବଳ ଜନ ଗହଳିକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କ ଯାତାୟତ ନିମନ୍ତେ ବିଗତ ବର୍ଷ ଠାରୁ ଅଧିକ ସଂଖ୍ୟକ ବସ ନିୟୋଜିତ କରାଯିବ, ମନ୍ଦିର ଉପରକୁ ଯିବା ପାଇଁ ବର୍ତ୍ତମାନ ବସ ଟିକଟ ୪୦ ଟଙ୍କା ରହିଛି ତାସହିତ ରୋପୱେ ଟିକଟ ୬୦ ଟଙ୍କା ରହିଛି ଚୈତ୍ର ପର୍ବ ସମୟରେ ମଧ୍ୟ ଏହି ମୂଲ୍ୟରେ କୌଣସି ପରିବର୍ତ୍ତନ ହେବନାହିଁ । ଜିଲ୍ଲାର ମାନ୍ୟବର ଜନପ୍ରତିନିଧି ମାନଙ୍କ ଉପସ୍ଥିତିରେ ମା'ଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତ୍ତୀ ବୈଠକରେ ପୂର୍ଣ୍ଣାଙ୍ଗ ନିଷ୍ପତ୍ତି ନିଆଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଛତ୍ରପୁର ଉପ ଜିଲ୍ଲାପାଳ ଶୁଭାଶିଷ ବରାଳ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଡ଼ିଓ ପୁରୁଷୋତ୍ତମପୁର ଶରତ କୁମାର ପତ୍ର, ଟ୍ରଷ୍ଟର ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ପଣ୍ଡା, ବରିଷ୍ଠ ସେବାୟତ ବାପୁଜୀ ରଣା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ସେବାୟତ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ ।

## କେ.ତ୍ରିଲୋଚନ ଦୋରା ବୁଗୁଡା ଏନ୍ଏସି ଏବଂ ଖଦାଳ ଖଟେଇ ବ୍ଲକ ବିଜେଡି ସଭାପତି ଭାବେ ନିଯୁକ୍ତ

ବୁଗୁଡା,୨୦।୨:(ମନ୍ଥନ) ରାଜ୍ୟ ବିଜୁ ଜନତା ଦଳ ପକ୍ଷରୁ ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବୁଗୁଡ଼ା ଏନଏସି ଏବଂ ବ୍ଲକ ସଭାପତି ଭାବେ ଯଥାକ୍ରମେ କେ. ତ୍ରିଲୋଚନ ଦୋରା ଏବଂ ଖଦାଳ ଖଟେଇଙ୍କୁ ନିଯୁକ୍ତ କରାଯାଇଛି । ସମ୍ପ୍ରତି ବିଜୁ ଜନତା ଦଳର ଘଡିସନ୍ଧି ମୁହୂର୍ତ୍ତରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଖଦାଳ ଖଟେଇ ଏବଂ ପୂର୍ବରୁ ନଗର ସଭାପତି ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇଥିବା ଯୁବ ନେତା ତ୍ରିଲୋଚନ ଦୋରାଙ୍କ ଅଭିଜ୍ଞତାକୁ ପାଥେୟ କରି ଦଳ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଛି । ସଭାପତି ଭାବେ ନିଯୁକ୍ତି ପାଇବା ପରେ ଉଭୟଙ୍କୁ ଦଳୀୟ କର୍ମୀଗଣଙ୍କ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରିଥିବା ବେଳେ ସେଦୁହେଁ ଦଳୀୟ ସଂଗଠନକୁ ସୁଦୃଢ କରିବା ଦିଗରେ ଯଥାସାଧ୍ୟ ଉଦ୍ୟମ କରିବା ନେଇ ମତବ୍ୟକ୍ତ କରିଛନ୍ତି ।

## ବିପର୍ଯ୍ୟସ୍ତ ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ଆଉ ଏକ ବିକଳ ନମୂନା

ପଟ୍ଟାମୁଣ୍ଡାଇ,୨୦।୨:(ମନ୍ଥନ)ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ତଳ ବାଲୀପଡ଼ା ସ୍କୁଲ ଘଟଣା ମନରୁ ନ ଲିଭୁଣୁ ଆଉ ଏକ ପ୍ରାଥମିକ ବିଦ୍ୟାଳୟ ର ବିପର୍ଯ୍ୟସ୍ତ ଅବସ୍ଥା ସାମ୍ନାକୁ ଆସିଛି । ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ଅନ୍ତର୍ଗତ ବାଲିକୁଦା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରାୟ ଏକବର୍ଷ ହେବ ଜଣେ ଶିକ୍ଷକରେ ଚାଲିଛି । ସେ ମହିଳା ଶିକ୍ଷକ ଜଣକ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ । ବିଦ୍ୟାଳୟର ଅତିରିକ୍ତ ଚାପ ସହି ନପାରି ସେ ଦୁଇ ଦୁଇ ଥର ବେହୋସ୍




ହୋଇ ସାରିଲେଣି, ଏପରିକି ରାସ୍ତାରେ ବେହୋସ୍ ହୋଇ ପଡ଼ିଥିଲା ବେଳେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଚିକିତ୍ସା କରାଇ ତାଙ୍କ ଗୃହରେ ଛାଡ଼ିବା କଥା ନଜିର ଅଛି । ଏହି ପ୍ରତିନିଧି ସେ ବିଦ୍ୟାଳୟ ପରିଦର୍ଶନ ସମୟରେ ଏହି ତଥ୍ୟ ସାମ୍ନାକୁ ଆସିଛି । ଉକ୍ତ କ୍ଲଷ୍ଟର୍ ସିଆରସିସି ଙ୍କୁ ପଚାରିବାରେ ଉତ୍ତର ମିଳୁଛି, ଅଫିସକୁ ଜଣାହୋଇଛି । ତେବେ ପ୍ରଶ୍ନ ଉଠୁଛି, ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା କାର୍ଯ୍ୟାଳୟ କେବେ ନିଦରୁ ଉଠିବ, ଏ ସବୁର ସ୍ଥାୟୀ ସମାଧାନ କିପରି ହେବ । ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳ କେବେ ଏହା ପ୍ରତି ଦୃଷ୍ଟି ଦେବେ ନା ସମୁଦାୟ ଶିକ୍ଷା ବ୍ୟବସ୍ଥାକୁ ଭଗବାନଙ୍କ ଉପରେ ଛାଡ଼ିଦେଇ ଚୁପ୍ ବସିବେ ।

## ଢୋଲରେ ବିଶ୍ୱଶାନ୍ତି ମହାଯଜ୍ଞ

କେନ୍ଦ୍ରାପଡ଼ା,୨୦।୨:(ମନ୍ଥନ)କେନ୍ଦ୍ରାପଡା ବ୍ଲକ ଅଧିନ ଢୋଲ ପଞ୍ଚାୟତର ଢୋଲ ଗ୍ରାମରେ ସପ୍ତଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞକୁ ଗରାପୁର ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଉଦଘାଟନ କରିଥିଲେ। ଏହି ଅବସରରେ ଶ୍ରୀମା ଯଜ୍ଞର ଉପକାରିତା ଓ ସମାଜପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋଚନା କରି କହିଲେ ଯଜ୍ଞ କଲେ ବର୍ଷା ହେବ।



ଫଳରେ ପୃଥିବୀ ସଶ୍ୟଶାମଳା ହୋଇପାରିବା ସହ ଭଲ ଫଳ ଫଳିବ ଓ ପୃଥିବୀ ଶାନ୍ତ ରହିବା ସହ ମାନବସମାଜ ମଧ୍ୟ ଶାନ୍ତିରେ ବସବାସ କରିବ। ଯଜ୍ଞଦ୍ୱାରା ପଞ୍ଚଭୂତ ସ୍ୱଧନ ହେବା ସହ ପବିତ୍ର ହୋଇଥାଏ। ଯଜ୍ଞ ସନାତନ ଧର୍ମର ବିଭିନ୍ନ କର୍ମରୁ ଅନ୍ୟତମ ଅଟେ। ଏହା କରାଯିବା ଦ୍ୱାରା ଅନ୍ୟର ଉପକାର ହୋଇଥାଏ। ପୃଥିବୀରେ ଥିବା ମାନବ ସମାଜ ସମେତ ବୃକ୍ଷ, ଲତା ଓ ପ୍ରାଣୀମାନଙ୍କର ମଧ୍ୟ ଉପକାର ହୋଇଥାଏ। ଯଜ୍ଞଦ୍ୱାରା ଇନ୍ଦ୍ରାଦି ଦେବଗଣ ସନ୍ତୁଷ୍ଟ ହେଉଥିବାରୁ ପୃଥିବୀକୁ ଅନ୍ନଦାନ କରିଥାନ୍ତି। ଏହି ଅନ୍ନ ପାଇ ଜୀବ, ଜନ୍ତୁ, ବୃକ୍ଷ, ଲତା ଓ ମାନବ ସମାଜ ଜୀବନ ଧାରଣ କରିଥାନ୍ତି ବୋଲି ଶ୍ରୀମା ଅର୍ଶିବଚନ ପ୍ରଦାନ କରି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବପ୍ରସାଦ ଦାସ, ଶ୍ରୀଜଗନ ଦଇତାପତି, ପ୍ରମୋଦ କୁମାର ପୃଷ୍ଟି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାଧୁସନ୍ଥମାନେ ଯଜ୍ଞର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଆଖପାଖ ଅଞ୍ଚଳର ବହୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ ପ୍ରଭୁ କୃପା ଲାଭ କରିଥିଲେ।

## ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା : ଅଘୋଷିତ ବିଦ୍ୟୁତକାଟକୁ ନେଇ ଚିନ୍ତାରେ ପରୀକ୍ଷାର୍ଥୀ

ମାହାଙ୍ଗା,୨୦।୨:(ମନ୍ଥନ)ମାହାଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ଆଜିଠାରୁ ମାଟ୍ରିକ ପରୀକ୍ଷା ଏବଂ ଗତକାଲି ୧୮ତାରିଖ ଠାରୁ +୨ ଦୁଇ ବିଜ୍ଞାନ ପରୀକ୍ଷା ଆରମ୍ଭ ହୋଇଥିଲା ବେଳେ ଏରକଣା ବିଦ୍ୟୁତ ସେକ୍ସନ୍ ଅଧିନରେ ଥିବା ମାହାଙ୍ଗା ଅଂଚଳରେ ଗତକାଲି ସନ୍ଧ୍ୟା ସମୟରେ ବାରମ୍ବାର ବିଦ୍ୟୁତକାଟ କରାଯାଇଥିଲା ବେଳେ ଆଜି ମଧ୍ୟ ବିଦ୍ୟୁତକାଟ ହେଉଛି। ଯାହାକୁ ନେଇ ପିଲାମାନଙ୍କ ପାଠପଢ଼ାରେ ସମସ୍ୟା ସୃଷ୍ଟି ହେଉଛି। ସରକାର କିରୋସିନି ରେଟ୍ ବଢ଼ାଇବାରୁ ଡିଲରମାନେ କିରୋସିନ୍ ବାଣ୍ଟୁ ନାହାନ୍ତି। ଫଳରେ ସାଧାରଣ ଗରିବ ଓ ମଧ୍ୟବିତ ପରିବାର ଲୋକମାନେ ବିଦ୍ୟୁତକାଟ ସମୟରେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ତେବେ ଅଘୋଷିତ ବିଦ୍ୟୁତ କାଟ୍ କାହା ସ୍ୱାର୍ଥରେ ବୋଲି ସାଧାରଣରେ ଆଲୋଚନା ହେଉଥିଲା ବେଳେ ପରୀକ୍ଷା ସମୟରେ ବିଦ୍ୟୁତ କାଟ ନକରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ମାହାଙ୍ଗା ଅଂଚଳର ବୁଦ୍ଧିଜୀବି ସର୍ବସାଧାରଣରେ ଦାବି ହେଉଛି।

## ରଷିକୁଲ୍ୟା ମୁହାଣ ବେଳାଭୂମି ସଫେଇ କାର୍ଯ୍ୟକ୍ରମ

ଗଞ୍ଜାମ,୨୦।୨:(ମନ୍ଥନ)ବିରଳ ଅଲିଭ୍ ପ୍ରଜାତିର ଅଲିଭ ରିଡଲେ କଇଁଚ ମାନଙ୍କର ସାମୁହିକ ଅଣ୍ଡାଦାନ ପର୍ବର ସମୟ ପାଖେଇ ଆସୁଥିବାରୁ ସେମାନଙ୍କ ମନପସନ୍ଦର ଅଣ୍ଡାଦାନ କ୍ଷେତ୍ର ଋଷିକୁଲ୍ୟା ମୁହାଣ ନିକଟବର୍ତ୍ତୀ ପୋଡ଼ାମପେଟା ସମୁଦ୍ରତଟ



ଅଞ୍ଚଳରେ ଏକ ସ୍ୱେଚ୍ଛାକୃତ ସଫେଇ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ସଫେଇ ଅଭିଯାନ ଛତ୍ରପୁର ଓ ଏସ ଏ ପି ଅଷ୍ଟମ ବାଟାଲିୟନର ପୋଲିସ କର୍ମଚାରୀ ଏବଂ ଟାଟା ର ସହଭାଗିତାରେ ସଫଳତାର ସହ ସମ୍ପାଦିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଅଷ୍ଟମ ବାଟାଲିୟନର କମାଣ୍ଡାଣ୍ଟ ଶାରଦା ପ୍ରସାଦ ଦାସଙ୍କ ନେତୃତ୍ୱରେ ଡେପୁଟୀ କମାଣ୍ଡାଣ୍ଟ ଯଶୋବନ୍ତ ସେଠୀ , ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପବିତ୍ର ମୋହନ ମୁଣ୍ଡା , ହାବିଲଦାର ସିପାହୀ ଶାଖା ସଂଘର ସଭାପତି ଯଶୋବନ୍ତ ସ୍ୱାଇଁଙ୍କ ସହିତ ୧୨୦ ଜଣ ପୋଲିସ କର୍ମଚାରୀ ଏବଂ ଟାଟା ର ଆସିଷ୍ଟାଣ୍ଟ ମ୍ୟାନେଜର ଓ ରଷିକୁଲ୍ୟା ସୁରକ୍ଷା ସମିତି ସମ୍ପାଦକ ରବିନ୍ଦ୍ର ନାଥ ସାହୁ ଅଂଶଗ୍ରହଣ କରିଥିଲେ ।

## +୨ କଳା ପରୀକ୍ଷା ଆରମ୍ଭ , ୫ଟି କେନ୍ଦ୍ରରେ ୧୧୬୦ ପରୀକ୍ଷାର୍ଥୀ

ବୁଗୁଡ଼ା,୨୦।୨:(ମନ୍ଥନ)ଆଜି +୨ କଳା ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ବୁଗୁଡ଼ା ଅଞ୍ଚଳର ୫ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୧୭୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧୬୦ ପରୀକ୍ଷା ଦେଇଥିବା ବେଳେ ୧୨ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ଜଣାଯାଇଛି । ବୁଗୁଡ଼ା ପିପୁଲ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ୍ ଆମ୍ ପ୍ରକାଶ ନାୟକଙ୍କ ତତ୍ତ୍ୱାବଧାନରେ ୪୩୬ରୁ ୪୨୮ ଜଣ ଓ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ୍ ମନୋଜ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୨୨୦ରୁ ୨୧୯ ଜଣ , ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ସରୋଜ କାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ୨୯୬ରୁ ୨୯୪ ଜଣ ଓ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ୍ ଅନୁପ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୧୬୯ରୁ ୧୬୮ ଜଣ, କରଚୁଲି ଶକୁନ୍ତଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ୍ ଗଦାଧର ମିଶ୍ରଙ୍କ ତତ୍ତ୍ୱାବଧାନରେ ୫୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ତେବେ ପିପୁଲ୍ସ କଲେଜ କେନ୍ଦ୍ରରେ ପିପୁଲ୍ସ କଲେଜର ଛାତ୍ରଛାତ୍ରୀଙ୍କ ସମେତ



ବାଲିପଦରସ୍ଥ ଅହଲ୍ୟା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଲୁଙ୍କେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । କପିକୁ ରୋକିବା ପାଇଁ ପରୀକ୍ଷାର୍ଥୀଙ୍କୁ କଡାକଡି ଭାବେ ଯାଞ୍ଚ କରାଯାଇଥିବା ବେଳେ ଉକ୍ତ ୫ଟି କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପ୍ରଥମ ଦିନର ପରୀକ୍ଷା ସମ୍ପନ୍ନ ହୋଇଥିବା ଜଣାଯାଇଛି ।

## ନାବାଳିକାକୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ପୋକ୍ସୋ ଆକ୍ଟରେ ଗିରଫ

ବଳଙ୍ଗା,୨୦।୨:(ମନ୍ଥନ)ବଳଙ୍ଗା ଥାନା ଅଞ୍ଚଳରେ ଜନୈକା ନାବାଳିକାକୁ ଜୋରଜବରଦସ୍ତ ପାଖ ବଣବୁଦାକୁ ଟେକିନେଇ ମୁହଁରେ ଗାମୁଛା ଦେଇ ବଳାତ୍କାର ଉଦ୍ୟମ କରି ଅଶାଳୀନ ବ୍ୟବହାର ପ୍ରଦର୍ଶନ ଅଭିଯୋଗରେ ଜନୈକ ଯୁବକକୁ ପୋକ୍ସୋ ଆକ୍ଟରେ ବଳଙ୍ଗା ପୋଲିସ ଗିରଫ କରିଛି । ପୋଲିସ ସୂତ୍ରରୁ ପ୍ରକାଶଯେ, ବଳଙ୍ଗା ଥାନା ଅର୍ନ୍ତଗତ ଏକ ଗ୍ରାମର ଜଣେ ନାବାଳିକା ତେଜରାତି ଦୋକାନକୁ ସଉଦା ପାଇଁ ଯିବା ବେଳେ ଜନୈକ ଯୁବକ ମନ୍ଦ ଉଦ୍ଦେଶ୍ୟ ରଖି ନାବାଳିକା ମୁହଁରେ ଗାମୁଛା ପକାଇ ତାକୁ ପାଖ ବୁଦାକୁ ଟେକି ନେଇ ବଳାତ୍କାର ଉଦ୍ୟମ କରି ଅଶାଳିନ ବ୍ୟବହାର ପ୍ରଦର୍ଶନ କରିବାବେଳେ ନାବାଳିକା ଜଣକ ତା ପାଖରୁ ଖସି ଆସି ଜୀବନ ବଞ୍ଚାଇ ପରିବାର ନିକଟରେ ସବୁକଥା ଜଣାଇଥିଲେ । ଫଳରେ ଏ ନେଇ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ବଳଙ୍ଗା ଥାନା ଆଇ.ଆଇ.ସି ସସ୍ମିତା ସାହୁଙ୍କ ନିର୍ଦ୍ଦେଶକ୍ରମେ ଥାନା ଏସ.ଆଇ ସସ୍ମିତା ବେହେରା ତୁରନ୍ତ ଅଭିଯୁକ୍ତକୁ ପୋକ୍ସୋ ଆକ୍ଟରେ ଗିରଫ କରିଛନ୍ତି ।

## ପୁରୀ ଜିଲ୍ଲା ବିଭାଜନ ଆଲୋଚନା ମଧ୍ୟରେ ଗୋପ ଓ କୋଣାର୍କକୁ ପୁରୀରେ ରଖିବାକୁ ଅନୁରୋଧ

ଗୋପ,୨୦।୨:(ମନ୍ଥନ) ଓଡ଼ିଶା ସରକାର ୨୦୨୬-୨୭ ଆର୍ଥିକ ବର୍ଷରେ ନୂଆ ଜିଲ୍ଲା ଗଠନ ପାଇଁ ପ୍ରସ୍ତାବ ଆମନ୍ତ୍ରଣ କରିଥିବା ପରିପ୍ରେକ୍ଷିରେ ପୁରୀ ଜିଲ୍ଲା ବିଭାଜନ ନେଇ ଚର୍ଚ୍ଚା ଜୋର ଧରିଛି । ଏହି ସମୟରେ ବିଜେପି କୃଷକ ମୋର୍ଚ୍ଚା, ଓଡ଼ିଶାର ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ (ଲୁଲୁ) ପୁରୀ ଜିଲ୍ଲାର ସମ୍ଭାବ୍ୟ ବିଭାଜନ ଉପରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି । ସେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଗୋପ ଓ କୋଣାର୍କକୁ ପୁରୀ ଜିଲ୍ଲାରୁ ଅଲଗା ନ କରିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ଶ୍ରୀକ୍ଷେତ୍ର ପୁରୀର ଆଧାତ୍ମିକ, ସାଂସ୍କୃତିକ ଓ ଐତିହ୍ୟମୂଳକ ମହତ୍ତ୍ୱ ଦୃଷ୍ଟିରୁ ଏହି ଅଞ୍ଚଳଗୁଡ଼ିକୁ ଏକାଠି ରଖିବା ଆବଶ୍ୟକ । ରାଜ୍ୟରେ ମୋଟ ୩୧ଟି ନୂଆ ଜିଲ୍ଲା ପ୍ରସ୍ତାବ ମିଳିଥିବା ବେଳେ, ପୁରୀରୁ ନିମାପଡ଼ାକୁ ଅଲଗା କରି ନୂଆ ଜିଲ୍ଲା ଗଠନ ପ୍ରସ୍ତାବ ଆସିଛି । ଏହି ପ୍ରସଙ୍ଗରେ ସ୍ୱାଇଁ କହିଛନ୍ତି ଯେ ପ୍ରଶାସନିକ ସୁବିଧା ପାଇଁ ଯଦି ନିମାପଡ଼ାକୁ ନୂଆ ଜିଲ୍ଲା କରାଯାଏ, ତେବେ ଗୋପ ଓ କୋଣାର୍କକୁ ପୁରୀରେ ରଖାଯିବା ଉଚିତ । ସେ ଆହୁରି ପରାମର୍ଶ ଦେଇଛନ୍ତି ଯେ ପ୍ରସ୍ତାବିତ ନିମାପଡ଼ା ଜିଲ୍ଲାରେ ଜୟଦେବ ଓ ନିଆଳି କୁ ଅନ୍ତର୍ଭୁକ୍ତ କରାଯାଇପାରେ । ଗୋପ ଓ କୋଣାର୍କ ଅଞ୍ଚଳକୁ ଅଲଗା କରାଗଲେ ପୁରୀ-କୋଣାର୍କ ବିକାଶ ପ୍ରାଧିକରଣ (ପିକେଡିଏ)ର ଉନ୍ନତି ଯୋଜନା ପ୍ରଭାବିତ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି । ଭବିଷ୍ୟତରେ ଏମ୍ପି କିମ୍ବା ଏମ୍ଏଲ୍ଏ ଆସନ ସଂଖ୍ୟା ବୃଦ୍ଧି ହେଲେ, ଗୋପ ଓ କୋଣାର୍କକୁ ପୁରୀ ଏମ୍ପି ମଣ୍ଡଳୀରେ ରଖାଯିବାକୁ ସେ ପ୍ରସ୍ତାବ କରିଛନ୍ତି । ଏହାସହିତ, ଏହି ଅଞ୍ଚଳ ପାଇଁ ପଦ୍ମକ୍ଷେତ୍ର ନାମରେ ଅଲଗା ଏମ୍ଏଲ୍ଏ ନିର୍ବାଚନମଣ୍ଡଳୀ ଗଠନ କରିବା ପରାମର୍ଶ ମଧ୍ୟ ଦେଇଛନ୍ତି । ଏହି ଆଲୋଚନା ପୁରୀରେ ଚାଲୁଥିବା ପ୍ରଶାସନିକ ପରିବର୍ତ୍ତନ ମଧ୍ୟରେ ଆସୁଛି । ଜାନୁଆରୀ ୧, ୨୦୨୬ରୁ ପୁରୀକୁ ମ୍ୟୁନିସିପାଲ୍ କର୍ପୋରେସନ୍‌ରେ ଉନ୍ନତ କରାଯାଇଛି, ଯାହା ତୀର୍ଥଯାତ୍ରୀଙ୍କ ବୃଦ୍ଧିଶୀଳ ଭିଡ଼କୁ ମନେରଖି କରାଯାଇଥିବା ପଦକ୍ଷେପ । ସରକାର ଏହି ସମସ୍ତ ପ୍ରସ୍ତାବକୁ ଖତିଆନ କରୁଥିବା ବେଳେ, ଏପର୍ଯ୍ୟନ୍ତ କୌଣସି ଅନ୍ତିମ ନିଷ୍ପତ୍ତି ହୋଇନାହିଁ । ସ୍ଥାନୀୟ ନେତା ଓ ଲୋକମାନେ ମଧ୍ୟ ପୁରୀ ସହ ଗୋପ ଓ କୋଣାର୍କର ଐତିହାସିକ ଏବଂ ଆଧାତ୍ମିକ ସମ୍ପର୍କକୁ ଅକ୍ଷୁଣ୍ଣ ରଖିବାକୁ ମତ ପ୍ରକାଶ କରୁଛନ୍ତି ।

## ଭଦ୍ରେଶ୍ୱର ପୋଲିସର ଡାଲଟୁଲ ନୀତି : ହତାଶ ହେଲେ ଅଭିଯୋଗକାରୀ

ମାହାଙ୍ଗା,୨୦।୨:(ମନ୍ଥନ)ଭଦ୍ରେଶ୍ୱର ଥାନାରେ ତା୧୭.୦୨.୨୦୨୬ରିଖରେ ଗୋପାଳପୁର ପଂଚାୟତର ଗୋପାଳପୁର ଗ୍ରାମର ଜିତେନ୍ଦ୍ର କୁମାର ବିଶ୍ୱାଳ, ପିତା-ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳ ଲିଖିତ ଅଭିଯୋଗ କରି ଦର୍ଶାଇଥିଲେ ଯେ ତାଙ୍କ ବ୍ୟକ୍ତିଗତ ଜମାଖାତା ନଂ୯୮୦/୨୯୬ ପ୍ଲଟ ନଂ ୨୨୭ ଉପରେ ଗୋପାଳପୁର ଗ୍ରାମର ଜ୍ଞାନେନ୍ଦ୍ର ବିଶ୍ୱାଳ, ପିତା-ସ୍ୱର୍ଗତ ଯଦୁମଣି ବିଶ୍ୱାଳ ଜୋରଜବରଦସ୍ତ ଘରଛପର କୁଟା ଦୁଇ ଟ୍ରାକ୍ଟରରୁ ଅଧିକ ଜମା କରି ଜମି ଅବରୋଧ କରିଛନ୍ତି। ଏ ସଂପର୍କରେ ଗ୍ରାମର ଭଦ୍ରଲୋକଙ୍କ ଦ୍ୱାରା ଦୃଷ୍ଟି ଆକର୍ଷଣ କରାଯାଇ ଅବରୋଧ ହଟାଇବାକୁ ଅନୁରୋଧ କରାଯାଇଥିଲା। ଅପରପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶ୍ରୀ ବିଶ୍ୱାଳ ଭଦ୍ରେଶ୍ୱର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଘଟଣାର ତଦନ୍ତ କରି ଉଭୟ ପକ୍ଷଙ୍କୁ ତା ୧୮.୦୨.୨୦୨୬ରିଖ ସନ୍ଧ୍ୟାରେ ଥାନାରେ ଉପସ୍ଥିତ ରହିବାକୁ କହିଥିଲେ। ଧାର୍ଯ୍ୟ ସମୟରେ ୫ଜଣ ଭଦ୍ରଲୋକ ସମେତ ତଦନ୍ତକାରୀ ପୋଲିସ ଅଧିକାରୀ ଉପସ୍ଥିତ ରହି ଆଲୋଚନା କରାଯାଇଥିଲା। ଭଦ୍ରଲୋକଙ୍କ ପରାମର୍ଶ କ୍ରମେ କୁଟାଗଦା ହଟେଇବାକୁ ଅପରପକ୍ଷଙ୍କୁ କୁହାଯାଇଥିଲା। ହେଲେ କୌଣସି ନିର୍ଯ୍ୟାସ ବାହାରି ନଥିଲା। ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ଅପରପକ୍ଷକୁ ସୁହାଇଲା ଭଳି କଥା କହିଥିଲେ। ଏଥିରେ ଅଭିଯୋଗକାରୀ କୌଣସି ନ୍ୟାୟ ପାଇ ନଥିଲେ। ଯାହାକୁ ନେଇ ଅଭିଯୋଗକାରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସୂଚନା ଦେଇଛନ୍ତି। ଏଠାରେ ଚର୍ଚ୍ଚା ହେଉଛି ଯେ ସ୍ଥାନୀୟ ସ୍ୱାଧୀନ ବିଧାୟକଙ୍କ ସମର୍ଥକମାନେ ଥାନା ଭିତରେ ନିଜର ଦବ୍‌ଦବା ଜାହିର କରୁଥିବାରୁ ସାଧାରଣ ଅଭିଯୋଗ କାରୀ ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି ବୋଲି ସାଧାରଣରେ ଶୁଣିବାକୁ ମିଳୁଛି।

# ୫୩୦ ୟୁନିଟ୍ ରକ୍ତ ସଂଗୃହିତ

ପାରାଦୀପ,୨୦।୨:(ମନ୍ଥନ)ଆମ ଓଡ଼ିଶା' ରକ୍ତଦାନ ଅଭିଯାନ, କଟକ ରେଡକ୍ରସ୍ ରକ୍ତ ଭଣ୍ଡାର ଏବଂ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଓଡ଼ିଶା ବ୍ଲଡ୍ ସେଣ୍ଟର ସହଯୋଗରେ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି । ଚଳିତ ଆର୍ଥିକ ବର୍ଷରେ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ମୋଟ ୫ ଟି ରକ୍ତଦାନ ଶିବିର ଆୟୋଜନ କରାଯାଇ ମୋଟ ୧୬୪୪ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି । କଳିଙ୍ଗନଗର, ଫେବୃଆରୀ ୨୦, ୨୦୨୬: ସାମାଜିକ ପ୍ରତିବଦ୍ଧତା ଓ ମାନବିକ ସେବାର ଏକ ଅନନ୍ୟ ଉଦାହରଣ ସ୍ୱରୂପ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ର ଲଜିଷ୍ଟିକ୍ସ ବିଭାଗ ଅଧୀନସ୍ଥ ଗ୍ରୀନ୍ ଟ୍ରାନ୍ସପୋର୍ଟ ପାର୍କ ପରିସରରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି ।ସମ୍ବାଦ ଆମ ଓଡ଼ିଶା' ରକ୍ତଦାନ ଅଭିଯାନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ କଟକ ରେଡକ୍ରସ୍ ରକ୍ତ ଭଣ୍ଡାର ସହାୟତା ପ୍ରଦାନ କରିଥିଲେ । ଏହି ଶିବିରକୁ ଇଷ୍ଟର୍ଣ୍ଣ




ମିଡିଆ । ଲିମିଟେଡ୍ ତଥା 'ଆମ ଓଡ଼ିଶା'ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ଉପାଦକ୍ଷ ଉତ୍ତମ ସିଂହ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍, ସମ୍ବାଦ, ରକ୍ତ ଭଣ୍ଡାର ଏବଂ ଅନ୍ୟାନ୍ୟ ସହଯୋଗୀ ସଂଗଠନର ଅଧିକାରୀମାନେ ଉପସ୍ଥିତ ଥିଲେ । ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା, ଯାହାଫଳରେ ମୋଟ ୫୩୩ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି । ପ୍ରମୁଖ ସ୍ୱାସ୍ଥ୍ୟଅନୁଷ୍ଠାନ ଗୁଡ଼ିକର ସହଭାଗିତାରେ ଆୟୋଜିତ ଏହି ଶିବିର ମାଧ୍ୟମରେ ସଂଗୃହିତ ରକ୍ତ ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଜରୁରୀକାଳୀନ ପରିସ୍ଥିତିରେ ରୋଗୀଙ୍କ ଜୀବନ ରକ୍ଷା କରିବାରେ ସହାୟକ ହେବ । ଏହି ଅବସରରେ ୬୭ ଥର ରକ୍ତଦାନ କରିଥିବା ସୁକୁମାର ଜେନା ଏବଂ ୫୩ ଥର ରକ୍ତଦାନ କରିଥିବା ଅଜିତ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ଅନ୍ୟ ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ଏବଂ ଗୋଟିଏ ଲେଖାଏଁ ଘରା ପ୍ରଦାନ କରାଯାଇଥିଲା ।ଚଳିତ ଆର୍ଥିକ ବର୍ଷରେ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଏପର୍ଯ୍ୟନ୍ତ ମୋଟ ୫ ଟି ରକ୍ତଦାନ ଶିବିର ଆୟୋଜନ କରାଯାଇ ମୋଟ ୧୬୪୪ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି ।

## କୃଷକ ଉତ୍ପାଦକ କମ୍ପାନୀ ଙ୍କ ବ୍ୟବସାୟ ବୃଦ୍ଧି ପାଇଁ ନାବାର୍ଡ ସହାୟତାରେ ପିକ୍ ଅପ୍ ଭେନ୍ ପ୍ରଦାନ

ବଲାଙ୍ଗୀର,୨୦।୨:(ମନ୍ଥନ)ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ବଞ୍ଚାରେନ କୃଷକ ଉତ୍ପାଦକ କମ୍ପାନୀ,ରେଙ୍ଗାଲି ,ଆଗଲପୁର ଓ ପାଟନେସ୍ୱରି କୃଷକ ଉତ୍ପାଦକ କମ୍ପାନୀ, ଦମକିପାଲି,ପାଟଣାଗଡ ନାବାର୍ଡ ସହାୟତାରେ ବ୍ୟବସାୟ ବୃଦ୍ଧି କରିବାପାଇଁ ଆବଶ୍ୟକ ପରିବହନ କରିବା ପାଇଁ ଚାରିଚକିଆ ଯାନ ଏହି କମ୍ପାନୀ ମାନଙ୍କୁ ପ୍ରଦାନ କରିଥିଲେ । ନାବାର୍ଡ ସହାୟତାରେ ବଲାଙ୍ଗିର ଜିଲ୍ଲାରେ କାମ କରୁଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ




ଦେବଦତ୍ତ କ୍ଲବ ମ୍ଭମରେ ଏହି ଅଞ୍ଚଳରେ ଚାଷୀ ମାନଙ୍କୁନେଇ ୨୦୧୯ ରେ ଆରମ୍ଭ କରାଯାଇଥିଲା । ବର୍ତ୍ତମାନ ଉଭୟ କମ୍ପାନୀରେ ୧୦୦୦ ରୁ ଉର୍ଦ୍ଧ ଅଂଶୀଦାର ଅଛନ୍ତି । ଏମାନେ ବିଭିନ୍ନ ପ୍ରକାର ପନିପରିବା,ଦଳିଯାତୀୟ,ଚାଷ କରି କମ୍ପାନୀ ମ୍ଭମରେ କିଣା ,ବିକ କରୁଛନ୍ତି । ଏହି ଅବସରରେ ବଲାଙ୍ଗୀର ଠାରେ ଶ୍ରୀ ଯୁକ୍ତ ବିନୋଦ କୁମାର ଆର୍ଯ୍ୟ ମୁଖ୍ୟ ମହା ପ୍ରବନ୍ଧକ ନାବାଡ୍ ଓଡିଶା ମୁଖ୍ୟ ଅତିଥି,ସମ୍ମାନିତ ଅତିଥିଭାବେ ଶ୍ରୀଯୁକ୍ତ ସମିର ସାମନ୍ତରା ଓ ଆୟୁସ ସିଓପୁରୀ ଜିଏମ ନାବାଡ୍ ଭୁବନେଶ୍ୱର ,କମଲାକାନ୍ତ ପଟ୍ଟନାୟକ ଡିଜିଏମ୍ ଭୁବନେଶ୍ୱର, ଡ-ବିବେକ କୁମାର ନାୟକ ଡିଡିଏମ ନାବାଡ୍ ବଲାଙ୍ଗୀର, ଦେବଦତ୍ତ କ୍ଲବ ର ସଂପାଦକ କାହ୍ନୁ ଚରଣ ମାଝୀ, ବନଚାରେନ ଏଫ୍ ପି ଓ ର ଏମଡି ବିବେକାନନ୍ଦ ପଧାନ, ବିଓଡି କରମ ସାହୁ, ସିଇଓ ରିଙ୍କୁ ସାହୁ, ପାଟଣେଶ୍ୱରି ଏଫ ପି ଓ ର ଏମଡି ନୀଳମଣି ନାୟକ, ବିଓଡି ନିତ୍ୟାନନ୍ଦ ସାହୁ ଓ ଅନ୍ୟାନ୍ୟ ଚାଷୀଙ୍କ ଉପସ୍ଥିତ ରେ ଉଭୟ ଏଫ୍ ପି ଓ ର ବ୍ୟବସାୟ ବୃଦ୍ଧି ପାଇଁ ଦୁଇ ଗୋଟି ବଲୋରୋ ପିକଅପ ଭେନ ପ୍ରଦାନ କରିଛନ୍ତି ଓ ଏହି କ୍ରୟକ୍ରମ କୁ ଆଗକୁ ନେବା ପାଇ ଶୁଭାରମ୍ଭ କରିଥିଲେ ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବଉମାନୋଃପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଜଳ ବିଶୋଧନ

ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଓ ଏହାର ଶୋଧନ ଯେତିକି ଜରୁରୀ,ପାନୀୟ ଜଳ ବିଶୋଧନ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ଉଭୟ ଜଳ ଓ ବାୟୁ ପ୍ରଦୂଷିତ ହେଲେ ଏହାର ସେବନ ଦ୍ୱାରା ବିଭିନ୍ନ ପ୍ରକାର ରୋଗ ହୋଇଥାଏ ଓ ସରକାର ବିକାଶ ଉପରେ ଗୁରୁତ୍ୱ ଦିଅନ୍ତି କିନ୍ତୁ କିପରି ଘରେ ଘରେ ବିଶୁଦ୍ଧ ପାନୀୟ ଜଳ ମିଳିପାରିବ ଏବଂ ବାୟୁମଣ୍ଡଳରେ ପ୍ରଦୂଷଣର ମାତ୍ରା କମ କରିବାକୁ କଣ ବିହିତ ପଦକ୍ଷେପ ନିଆଯାଇପାରିବ,ସେ ପ୍ରକାର ବ୍ୟବସ୍ଥା ଗ୍ରହଣ ଉପରେ ଅଗ୍ରାଧିକାର ଦିଆଯିବା ନିତାନ୍ତ ଜରୁରୀ ଓ ଏହା ସିଧା ସଳଖ ମଣିଷର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବାରୁ ପ୍ରତିଟି ଜୀବନ ମୂଲ୍ୟବାନ ନୀତିରେ ଏଥିପ୍ରତି ସରକାର, ସ୍ୱେଚ୍ଛାସେବୀ । ଜନସାଧାରଣ ସର୍ବାଧିକ ଗୁରୁତ୍ୱ ଦେବା ଆବଶ୍ୟକ ଓ ଆମ ରାଜ୍ୟକୁ ଦୃଷ୍ଟିପାତ କଲେ କଟକ ଜିଲ୍ଲାର ଜୀବନଧାରା ହେଉଛି କାଠଯୋଡ଼ି ଓ ମହାନଦୀ ଓ ସହରକୁ ତିନି ପଟୁ ଘେରିଛି ଏଇ ଦୁଇ ନଦୀ ଓ କଟକ ସହରର ସୌନ୍ଦର୍ଯ୍ୟକରଣ ବୃଦ୍ଧି କରୁଛି । ଏହାର ବାସିନ୍ଦାଙ୍କ ବହୁବିଧ ଆବଶ୍ୟକତା ପୂରଣରେ ସହାୟକ ହେଉଛି । କିନ୍ତୁ ପ୍ରତିବଦଳରେ ଏହି ସହର ଦୁଇ ନଦୀକୁ ଦେଇଛି କ'ଣ ? ଓ ପ୍ରଶ୍ନଟି ହୁଏତ ଅଡୁଆ ଲାଗିପାରେ ଓ କିନ୍ତୁ ବାସ୍ତବ କ୍ଷେତ୍ରରେ ଦେଖିଲେ, ସହର ଓ ଏହାର ଅଧିବାସୀ ଦୁଇ ନଦୀରେ ବିଷ ମିଶାଉଛନ୍ତି ଓ ନଦୀ ନିଜ ଦେହରେ ବହନ କରୁଛି କୋଟି କୋଟି ଲିଟର ବର୍ଜ୍ୟଜଳ ଓ ମାର୍ଚ୍ଚ ୨୨ ବିଶ୍ୱ ଜଳ ଦିବସ ପାଳନ ଅବସରରେ କାଠଯୋଡି । ମହାନଦୀ କିପରି ବର୍ଜ୍ୟଜଳ ମୁକ୍ତ ହୋଇପାରିବେ, ସେ ଦିଗରେ ସଚେତନ କଟକ ବାସିନ୍ଦା ଓ ସରକାର ମିଳିତ ଉଦ୍ୟମରେ କଣ ପଦକ୍ଷେପ ନେଇପାରିବେ ତାହାର ଏକ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇ ତୁରନ୍ତ କାମ ଆରମ୍ଭ କରାଯିବା ଉଚିତ ଓ କଟକ ସହରରୁ ଦୈନିକ ୧୭୦ ନିୟୁତ ଲିଟର ବର୍ଜ୍ୟଜଳ ନିଷ୍କାସିତ ହେଉଛି । ସେଥିରୁ ତିନିଟି ଜଳ ବିଶୋଧନ କେନ୍ଦ୍ରରେ ୭୦ ନିୟୁତ ଲିଟର ଜଳ ବିଶୋଧନ କରି ନଦୀକୁ ଛାଡଯାଉଛି ଓ କିନ୍ତୁ ଯେତିକି ଜଳ ବିଶୋଧନ ହେଉଛି ତାର ଦେଢଗୁଣ ବର୍ଜ୍ୟଜଳ ସିଧାସଳଖ ମହାନଦୀ ଓ କାଠଯୋଡ଼ି ନଦୀରେ ମିଶୁଛି ଓ ଦେଶର ଅନ୍ୟତମ ପୁରାତନ ସହରର ପ୍ରମୁଖ ସମସ୍ୟା ମଧ୍ୟରେ ରହିଛି କାଠଯୋଡ଼ି ଓ ମହାନଦୀକୁ ବର୍ଜ୍ୟଜଳ ନିଷ୍କାସନ ଓ ଯଦି ଏହି ଗମ୍ଭୀର ସମସ୍ୟାକୁ ଅଣଦେଖା କରାଯାଏ, ତେବେ ୨୦୪୫ ସୁଦ୍ଧା ୨୫୦ ନିୟୁତ ଲିଟର ବର୍ଜ୍ୟଜଳ କଟକ ସହରରୁ ନିଷ୍କାସିତ ହୋଇ କେବଳ ନଦୀ ନୁହେଁ, ସହରର ପରିବେଶକୁ ମଧ୍ୟ ଧ୍ୱଂସ କରିଦେଇପାରେ ଓ ଜାଇକା ପ୍ରକଳ୍ପ ହେଲା ଓ କଟକର ୧ଲକ୍ଷ ୧୦ ହଜାର ଘର ମଧ୍ୟରୁ ପ୍ରାୟ ୬୦ ହଜାର ବର୍ଜ୍ୟ ସ୍ୱରେଜକୁ ଗଲା ଓ ତଥାପି ୫୦ ପ୍ରତିଶତ ସମସ୍ୟାର ସମାଧାନ ହୋଇପାରିଲା ନାହିଁ ଓ ଡ୍ରେନ ଜଳ ବିଶୋଧନାଗରକୁ ନ ଯାଇ ସିଧା ନଦୀ ପାଣିରେ ମିଶୁଛି ଓ ତେଣୁ ଆଉ ଏକ ବିଶୋଧନାଗାର ସ୍ଥାପନା ସହିତ କିପରି ସ୍ୱରେଜ ବର୍ଜ୍ୟ ସେଇ ବାଟ ଦେଇଯିବ ତାହାର ବ୍ୟବସ୍ଥା କରାଯିବା ନିତାନ୍ତ ଆବଶ୍ୟକ ଓ ସେହିପରି ଜଗତପୁର ଓ ଖପୁରିଆ ଶିଳ୍ପାଞ୍ଚଳରୁ ନିର୍ଗତ ବର୍ଜ୍ୟ ନଦୀରେ ମିଶୁଥିବାରୁ ଏହାର ଜଳ ଦୂଷିତ ହେଉଛି। ସେହିପରି ପ୍ରୟାଗରାଜର ପୁଣ୍ୟ ତୀର୍ଥଭୂମିରେ ପ୍ରବାହିତ ପବିତ୍ର ଗଙ୍ଗା ନଦୀରେ ମହାକୁମ୍ଭ ଅବସରରେ ପ୍ରାୟ ୬୦ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇ ମହାସ୍ନାନ କଲେ ଓ ସ୍ମରଣାଯୋଗ୍ୟ ଯେ, ୨୦୧୪ ମସିହାରେ ମା ଗଙ୍ଗା ଡକାଇ ଥିବାରୁ ସେ ବରଣାସୀରୁ ନିର୍ବାଚନ ଲଢୁଛନ୍ତି ବୋଲି ମୋଦିଜୀ ଘୋଷଣା କଲେ। ମା ଗଙ୍ଗଙ୍କୁ ଛଛ ଓ ନିର୍ମଳ ରଖିବା ପାଇଁ ନମାମି ଗଙ୍ଗେ ଯୋଜନାର ଶୁଭାରମ୍ଭ କଲେ ଓ ମୋଦିଜୀଙ୍କ ସଂକଳ୍ପ ଦେଶବାସୀଙ୍କୁ ବିମୋହିତ କଲା । ଏଥିପାଇଁ ୪୦,୦୦୦ କୋଟି ଟଙ୍କାର ବ୍ୟବରାଦ ହେଲା ଓ ସମୟ ଅବଧି ବଢିବା ସହିତ ବ୍ୟୟବରାଦ ମଧ୍ୟ ବଢିଲା । କିନ୍ତୁ ଗଙ୍ଗା ଜଳ ବିଷୋଧିତ ହୋଇଯିବ ବୋଲି ଯାହା ଆଶା କରାଯାଉଥିଲା, ହୁଏତ କେଉଁ ସବୁ କାରଣରୁ ସେ ସବୁ ହୋଇପାରିଲା ନାହିଁ, ସେଥିପାଇଁ କାହାରି ଉପରେ ଦୋଷ ଲଦ଼ିଦେବା ଆଲୋଚ଼ନାର ବିଷୟବସ୍ତୁ ନୁହେଁ ଓ କାହିଁକି ଗଙ୍ଗାର ୨୦ ରୁ ୩୦ ପ୍ରତିଶତ ଜଳ ପାନୀୟ ଉପଯୋଗୀ ମଧ୍ୟ ହୋଇପାରିଲାନି ତାହା ଏକ ବିରାଟ ପ୍ରଶ୍ନବାଚ଼ୀ । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ର ରିପୋର୍ଟ ଅନୁସାରେ କାନପୁର ଓ ବାରାଣାସୀ ଭଳି ସହର ନିକଟରେ ଜଳରେ ଅକ୍ସିଜେନ ସ୍ତର (ଡିଓ) ଓ ବିଓଡ଼ି(ବାଇଓକେମିକାଲ ଅକ୍ସିଜେନ ଡିମାଣ୍ଡ) ମାନକ ଠାରୁ ଅଧିକ ରହିଛି, ଯାହା ପ୍ରଦୂଷଣ ହ୍ରାସରେ ଅସଫଳତାକୁ ଇଙ୍ଗିତ କରେ ଓ ସେହିପରି ୨୦୨୦ ସୁଦ୍ଧା ଗଙ୍ଗା ବେସିନରେ ୧୦୦ ପ୍ରତିଶତ ମଇଳା ଜଳ ଶୋଧନର ଲକ୍ଷ୍ୟ ରହିଥିଲା, ମାତ୍ର ୨୦-୩୦ ପ୍ରତିଶତ ସିୱେଜ ଶୋଧନ ହୋଇଛି ଓ କାନପୁର ହେଉଛି ଚ଼ମଡାର ସହର, ସେଠାରେ ଆହୁରି ଅନେକ ଛୋଟ ବଡ କାରଖାନା ରହିଛି । ସେଗୁଡିକ ଗୋପନରେ ସେମାନଙ୍କର ରାସାୟନିକ ବର୍ଜ୍ୟ ଗଙ୍ଗା ପାଣିକୁ ଛାଡୁଛନ୍ତି ଓ ପ୍ରଶାସନ ପକ୍ଷରୁ ଆଣି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି ଓ ଏହାର ବିଭିନ୍ନ ଯୁକ୍ତିଯୁକ୍ତ କାରଣ ଥାଇପାରେ । କିନ୍ତୁ ଏତେ ବ୍ୟୟବହୁଳ ପ୍ରୋଜେକ୍ଟକୁ ଏମିତି ଖାମଖିଆଲି ଭାବରେ ନିଆଯିବା ଉଚ଼ିତ ନୁହେଁ ଓ ଯଦି ନଦୀ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାର ଉଦାସୀନ ରହିବେ, ତେବେ ଦେଶର ବିଭିନ୍ନ କୋଣ ଅନୁକୋଣରେ ବାୟୁ । ଜଳବାହିତ ରୋଗର ପ୍ରାଦୁର୍ଭାବ ବଢିବ ଓ ସେଥିରେ ପୀଡିତ ମଣିଷ କି ଜୀବଜନ୍ତୁ କାହାରିକୁ ନିସ୍ତାର ମିଳିବ ନାହିଁ।

# ଆମେରିକା ସହ ବୁଝାମଣା ନୂଆ ନୁହେଁ, ହୋହାଲ୍ଲା କାହିଁକି ?

**ଗୋପାଳ ମହାପାତ୍ର**

ଲୋକସଭାରେ ବିରେଧିଦଳ ନେତା ରାହୁଳ ଗାନ୍ଧୀ ଗତ ୫ ତାରିଖ ଦିନ ସରକାର ବିରୋଧରେ ଯେତେବେଳେ ଅଭିଯୋଗ ପରେ ଅଭିଯୋଗ ଆଣିବାରେ ଲାଗିଲେ ସେତେବେଳେ ଅନେକେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ଼କ୍ଟର ମନମୋହନ ସିଂହଙ୍କୁ ମନେ ପକାଇଥିବେ ନିଶ୍ଚୟ। ରାହୁଳଙ୍କ ଅଭିଯୋଗକୁ ଲୋକସଭା ପୀଠ ଗ୍ରହଣ କରି ନଥିଲେ କିନ୍ତୁ ମନମୋହନ ସିଂହଙ୍କ ସହ ଯୋଡିହୋଇଥିବା ଦ୍ରଷ୍ଟାନ୍ତ ଜରିଆରେ ବର୍ତ୍ତମାନର ଅବସ୍ଥାକୁ ବୁଝିବାକୁ ଉଦ୍ୟମ କଲେ ଚିତ୍ର କିନ୍ତୁ ଭିନ୍ନ ଜଣାପଡେ। ୧୯୯୧ ମସିହାରେ ଜୁଲାଇ ମାସ ୨୪ ତାରିଖ। ତତ୍କାଳୀନ କେନ୍ଦ୍ରଅର୍ଥମନ୍ତ୍ରୀ ଡକ୍ଟର ମନମୋହନ ସିଂହ ଏହି ଦିନ ଯେଉଁ ପରିବର୍ତ୍ତନକାରୀ ବଜେଟ ଆଗତ କରିଥିଲେ ତାର ପ୍ରାରମ୍ଭିକ ଅଂଶ ଏବଂ ଶେଷଅଂଶ ଆଜିବି ମନେରହିଛି। ତାଙ୍କର ଭାଷଣର ପ୍ରଥମ କଥା ଥିଲା – "ଏକ ମହାନ୍ ଆର୍ଥୀକ ଶକ୍ତି ଭାବେ ଭାରତର ଅଭ୍ୟୁଦୟର ସମୟ ଆସିଯାଇଛି"। ତାଙ୍କ ଭାଷଣର ଶେଷ ବାକ୍ୟ ଥିଲା "ବିଶ୍ୱର କୌଣସି ଶକ୍ତି ସେଇ ବିଚାରକୁ ଅଟକାଇ ପାରିବନାହିଁ ଯାହାର ସମୟ ଆସିଯାଇଛି"। ପ୍ରକୃତପକ୍ଷେ ଡ଼କ୍ଟର ସିଂହ ଅର୍ଥବ୍ୟବସ୍ଥାକୁ ସୁଧାରିବାର ବ୍ୟବସ୍ଥା କରିଥିଲେ। ଡ଼କ୍ଟର ସିଂହ ବଜେଟ ଆଗତ କରିବାର ଦୁଇ ମାସ ପୁର୍ବରୁ ଚନ୍ଦ୍ରଶେଖରଙ୍କ ସରକାର ୨୦ଟନ ସୁନା ୟୁନିୟନ ବ୍ୟାଙ୍କ ଅଫ ସୁଇଜରଲ୍ୟାଣ୍ଡରେ ବିକ୍ରୀ କରିଦେଇଥିଲେ। ସର୍ତ୍ତ ଥିଲା ଭାରତ ସରକାର ଯେତେବେଳେ ଚାହିଁବେ ସେଇ ସୁନାକୁ ପୁନର୍ବାର କିଣିପାରିବେ। ପି.ଭି. ନରସିଂହ ଗାଓଙ୍କ ସରକାର ଶାସନକୁ ଆସିବା ପରେ ତାଙ୍କ ସରକାର ୪୭ ଟନ ସୁନା ବ୍ୟାଙ୍କ ଅଫ ଇଂଲଣ୍ଡ ପାଖରେ ବନ୍ଧା ପକାଇଥିଲେ। ଏହି କାରଣରୁ ଭାରତର ଲୋକଙ୍କ ମନର ଦେଶରେ ଅର୍ଥବ୍ୟସ୍ଥାକୁ ନେଇ ନିରାଶା ଥିଲା। ଏଭଳି ଅବସ୍ଥାରେ ବଜେଟ ଆଗତ କରି ଡ଼କ୍ଟର ସିଂହ ଯାହା କହିଥିଲେ ତାକୁ ବିଶ୍ୱାସ କରିବା ମଧ୍ୟ କଠିନ ଥିଲା।

ସେ ସମୟରେ ଜର୍ଜ ଫର୍ଣ୍ଣାଡ଼ିଜ ଡ଼କ୍ଟର ସିଂହଙ୍କ ବଜେଟକୁ ସମାଲୋଚନା କରି ବଜେଟ ଭାରତର ଆର୍ଥୀକ ସ୍ୱାଧିନତା ଉପରେ ଆକ୍ରମଣ ବୋଲି କହିଥିଲେ। ଏପରିକି ଡ଼କ୍ଟର ସିଂହ ଓ୍ୱାସିଂଟନର ଏଜେଣ୍ଟ, ଇଷ୍ଟିଇଣ୍ଡିଆ କମ୍ପାନୀ ପୁଣି ଫେରିବ ଓ ଛୋଟ ଛୋଟ ଉଦ୍ୟୋଗର ବିନାଶ ପାଇଁ ବଜେଟ ଉଦିଷ୍ଟ ବୋଲି ଫର୍ଣ୍ଣାଡ଼ିଜ କହିଥିଲେ। ସେତେବେଳର ବିରୋଧିଦଳର ଟାଣୁଆ ନେତା ଅଟଳବିହାରୀ ବାଜପେୟୀ କହିଥିଲେ "ଭାରତର ସ୍ୱାର୍ଥକୁ ଅଣଦେଖା କରାଯିବା ଉଚିତ୍ ନୁହେଁ, ଆମକୁ ବଜାରର ଆବଶ୍ୟକତା ରହିଛି କିନ୍ତୁ ବଜାରବାଦ ନୁହେଁ"। ସେତେବେଳେ ସମାଜର ଅନେକ ବୁଦ୍ଧିଜୀବି ମଧ୍ୟ ବଜେଟକୁ ସମାଲୋଚନା କରିଥିଲେ। ଅନେକ ମଧ୍ୟ ଦେଶକୁ ବିଘଟନ ଆଡ଼କୁ ନିଆଯାଉଛି ବୋଲି କହିଥିଲେ। କିନ୍ତୁ ପ୍ରକୃତରେ କ'ଣ ଘଟିଥିଲା ? ଡ଼କ୍ଟର ମନମୋହନ ସିଂହ ଅର୍ଥବ୍ୟବସ୍ଥାକୁ ସୁଧାରିବା ପାଇଁ ଯେଉଁ ପଦକ୍ଷେପ ନେଇଥିଲେ ତାର ଫଳ ସ୍ୱରୁପ ନରସିଂହ ରାଓ ଓ ଡ଼କ୍ଟର ସିଂହଙ୍କ ଜୋଡି କିଛି ମାସ ପରେ ବିଦେଶରେ ବନ୍ଧା / ବିକ୍ରୀ ହୋଇଥିବା ସବୁ ସୁନା ଭାରତକୁ ଫେରାଇ ଆଣିଥିଲେ ଏବେ ଆମ ଦେଶ ଅଧିକ ସୁନା କିଣୁଥିବା ଦେଶମାନଙ୍କ ମଧ୍ୟରେ ରହିଛି। ୧୯୯୬ ଓ ପରେ ୧୯୯୮ରେ ଅଟଳ ବିହାରୀ ବାଜାପୟୀ ଡ଼କ୍ଟର ସିଂହଙ୍କ ନୀତିକୁ ଅଧିକ ଗତିଶୀଳ କରାଇଥିଲେ।

ଡ଼କ୍ଟର ସିଂହଙ୍କ ବଜେଟର ପ୍ରଭାବ ସକରାତ୍ମକ ଥିଲା। ଫଳସ୍ୱରପ ଟାଟା, ବିରଲା, ମହିନ୍ଦ୍ରା, ଏୟାରଟେଲ, ରିଲାଏନ୍ସ, ଆଦାନୀ ସମେତ ଅନେକ ଭାରତୀୟ କମ୍ପାନୀ ବହୁରାଷ୍ଟ୍ରୀୟ କମ୍ପାନୀରେ ପରିଣତ ହୋଇପାରିଛନ୍ତି। ଦେଶର ପ୍ରତିଦ୍ୱନ୍ଦ୍ୱୀର ପରିବେଷ ବଢିଛି। ବର୍ତ୍ତମାନର ମୋଦୀ ସରକାର ବଜେଟରେ ଅନେକ ବ୍ୟବସ୍ଥା କରିଛନ୍ତି। ଭାରତ ଏବେ ଏକ ଦୃତ ଗତିଶୀଳ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି ଏବେ ଭାରତ ବିଶ୍ୱର ୪ର୍ଥ ଅର୍ଥବ୍ୟବସ୍ଥା ଓ ଓ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଭାରତ "ବିକଶିତ ଭାରତ"ରେ ପରିଣତ ହେବାର ଆଶା ରହିଛି। ଦେଶକୁ ଏହି ଅବସ୍ଥାରେ ପହଞ୍ଚାଇବା ପାଇଁ ଯେ ସହଜ ହୋଇଛି ତା ନୁହେଁ। ୨୦୦୮ ମସିହା ଅକ୍ଟୋବର ମାସର କଥା ମଧ୍ୟ ଏଠାରେ ଉଲ୍ଲେଖ କରାଯାଇପାରେ। ଏହି ସମୟରେ ଭାରତ ଆମେରିକା ମଧ୍ୟରେ ପରମାଣୁ ଚୁକ୍ତି ହୋଇଥିଲା। ଚୁକ୍ତିକୁ ବିରୋଧକରି ସରକାରର ସମର୍ଥକ ବାମଦଳ ମାନେ ଡ଼କ୍ଟର ମନମୋହନ ସିଂହ ସରକାରଙ୍କଠାରୁ ସମର୍ଥକ ପତ୍ୟାହାର କରିନେଇଥିଲେ। କିନ୍ତୁ ବାମ ଦଳର ସମର୍ଥନ ପ୍ରତ୍ୟାହାରର କିଛି ଘଣ୍ଟା ମଧ୍ୟରେ ମୁଲାୟାମ ସିଂହ ମନମୋହନ ସରକାରଙ୍କୁ ସମର୍ଥନ କରିବା ପାଇଁ ଆଗେଇ ଆସିଥିଲେ। ବାମଦଳ ପରମାଣୁ ଚୁକ୍ତିକୁ ଦେଶର ସ୍ୱାର୍ଥ ପାଇଁ ହାନୀକାରକ ବୋଲି କହିଥିଲେ। ସେତେବେଳେ ବିଜେପିର ବରିଷ୍ଠ ନେତା ଲାଲକୃଷ୍ଣ ଆଡ଼ଭାନି ମଧ୍ୟ ଚୁକ୍ତିକୁ ସମାଲୋଚନା କରି କହିଥିଲେ ଯେ ଏହି ଚୁକ୍ତି ଭାରତକୁ ଆମେରିକାର ଜୁନିୟର ପାର୍ଟନର କରିଦେବ। ଏତେ ସବୁ ବିରୋଧ ପରେ ମଧ୍ୟ ମନମୋହନ ସିଂହ ଚୁକ୍ତିରୁ ଓହରି ନଥିଲେ। ସଂସଦରେ ଚୁକ୍ତି ପ୍ରସଙ୍ଗରେ ତାଙ୍କର ଉତ୍ତର ଥିଲା "ମୁଁଏଠି ଦେଶକୁ ବିକିବା ପାଇଁ ଠିଆ ହୋଇ ନାହିଁ,ଏହି ବୁଝାବଣା ଭାରତକୁ ପରମାଣୁ ଶକ୍ତି ସମ୍ପନ୍ନ କରିବ"। ମନମୋହନ ଭୁଲ ନଥିଲେ ଏବଂ ଏହାର ସବୁଠାରୁ ବଡ଼ ପ୍ରମାଣ ହେଉଛି ବର୍ତ୍ତମାନର ସରକାର ମଧ୍ୟ ଆମେରିକା ସହ ପରମାଣୁ ଶକ୍ତି ମାମଲାରେ ବୁଝାବଣା କରିଛନ୍ତି।

ଏ ସବୁରୁ କ'ଣ ସେତେବେଳର ଓ ଏବେର ରାଜନୈତିକ ଘଟଣାକ୍ରମ ବାବଦରେ କିଛି ଜଣାପଡୁନାହିଁ ? ଭାରତ -ଆମେରିକା ବୁଝାବଣାକୁ ନେଇ ଏବେ ଦେଶରେ ହୋ ହାଲ୍ଲା ଚାଲିଛି ଯାହା ସେତେବେଳେ ମଧ୍ୟ ହେଉଥିଲା। ୧୯୯୧ରୁ ୨୦୦୮ ମଧ୍ୟରେ ଭାରତ ଏଭଳି ଅନେକ କଥା ଦେଖିଛି। ଫରକ ହେଉଛି ସେତେବେଳେ ଯେଉଁମାନେ ଆମେରିକା ସହ ବିରୋଧ କରୁଥିଲେ ସେମାନେ ଏବେ ଶାସନରେ ଏବଂ ଯେଉଁମାନେ ଚୁକ୍ତି କରିଥିଲେ ସେମାନେ ଏବେ ବିରୋଧିଦଳରେ ବସିଛନ୍ତି। ସଂସଦରେ ବସିବାର ସ୍ଥାନ ବଦଳିବା ସହ ଆମ ମାନନୀୟ ମାନଙ୍କର ନୀତି ଓ କାର୍ଯ୍ୟଶୈଳୀ କାହିଁକି ବଦଳି ଯାଇଛି ? ଆମେରିକା ସହ ଯେଉଁ ଚୁକ୍ତି ହୋଇଛି ତାହା କାର୍ଯ୍ୟକାରୀ ହେବାକୁ ସମୟ ଅଛି। ଚୁକ୍ତିକୁ ନେଇ ସରକାର ସ୍ପଷ୍ଟ କରିଛନ୍ତି ଯେ ଦେଶର କୃଷକ, ଶ୍ରମିକ ଏବଂ ଭାରତୀୟ ବ୍ୟବସାୟୀଙ୍କ ସ୍ୱାର୍ଥ ହାନୀ ହେବା ଭଳି କୌଣସି ବୁଝାବଣା ହେବ ନାହିଁ। କିନ୍ତୁ ହଟ୍ଟଗୋଳ ଚାଲିଛି।

ସିଦ୍ଧାନ୍ତ ବା ବ୍ୟବହାରିକ ଭାବେ କୌଣସି ସଂପ୍ରଭୁ ଦେଶକୁ କେବଳ ବର୍ତ୍ତମାନର ସରକାର ପ୍ରତି ପସନ୍ଦ ବା ନାପସନ୍ଦ ରେ ଅଙ୍କାଯାଇ ପାରିବ ନାହିଁ। ଆଜି ବି ଦେଶରେ ସେ ସମୟର ଲୋକ ଅଛନ୍ତି ଯେଉଁମାନଙ୍କୁ ୧୯୬୫-୬୬ରେ ଆମେରିକାରୁ ଆସିଥିବା ଗହମ ଖାଇବାକୁ ପଡିଥିଲା ଯେଉଁ ଗହମ ସେ ଦେଶର କୁକୁଡାଙ୍କ ଖାଦ୍ୟ ଭାବେ ପରିଚିତ ଥିଲା। କିନ୍ତୁ ଦେଶର ହରିତ୍‌କ୍ରାନ୍ତି ହେଲା ଓ ଦେଶ ସ୍ୱାଭିମାନ ଫେରିପାଇଲା। ଯେତେବେଳେ ବିଦେଶୀ ବ୍ୟାଙ୍କମାନେ ଦେଶର କାମ ଆରମ୍ଭ କଲେ ଓ ଦେଶକୁ ବିଦେଶୀ ଗାଡି ଆସିଲା ସେତେବେଳେ ମଧ୍ୟ ବିରୋଧ କରାଯାଇଥିଲା। ଏମିତି ଅନେକ ଉଦାହରଣ ରହିଛି ଭାରତବାସୀ ହଜିଯାଇଥିବା ଗୌରବ ଫେରି ପାଇବା ପାଇଁ ସ୍ୱାଧିନତା ପୁର୍ବରୁ ପ୍ରୟାସ କରୁଛନ୍ତି ? ବିଗତ ୭୬ ବର୍ଷ ମଧ୍ୟରେ ଯଦି କିଛି ଦୁଃଖଦ ଘଟଣା ରହିଛି ଅନେକ ସୁଖଦ ଘଟଣା ମଧ୍ୟ ରହିଛି। ଅନେକ କଥା ଆମକୁ ଲଜ୍ଜିତ କରିଛି ପୁଣି ଗର୍ବ କରିବା ପାଇଁ ମଧ୍ୟ ଅନେକ କିଛି ରହିଛି। ଆମକୁ ଆମ ସ୍ୱପ୍ନ ପୁରଣ କରିବା ପାଇଁ ଆମେ ଚାହୁଁନେ କାହିଁକି ?

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ପଦବୀ ସ୍ଥିର ନା ବ୍ୟକ୍ତି ସ୍ଥିର

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଖମ୍ବ ଆଳୁ ଖୋଳୁ ଖୋଳୁ ଯୋଗକୁ ଶିବଲିଙ୍ଗ ସନ୍ଧାନ ଦେଲା। ହଳ କଲାବେଳେ ଲଙ୍ଗଳ ସିଆରରେ ଲଙ୍ଗଳ ଲୁହାବାଜି ମହାଦେବ ବାହାରିଥିଲେ, ଲୋକଙ୍କୁ ଅଜଣା ସ୍ୱ ଢ଼ିଙ୍କିଶାଳର ଢ଼ିଙ୍କି ପାହାର ସହିବା ଭଳି ଏକ ପଥର ପିଣ୍ଡକୁ ପାହାର ପଡ଼ିବା ସ୍ଥଳ ଭରାଣ୍ଡିର ନିମ୍ନରେ ପୋତି କିଛି ଦିନ କାର୍ଯ୍ୟ କୁଟଣ କାର୍ଯ୍ୟ କରିବାପରେ କୌଣସି ଅସୁବିଧାରେ ପଥରକୁ ବାହାର କରିବା ପରେ ଜଣଗଲା ତାହା ଶିବଲିଙ୍ଗ ଯେତେବେଳ୍କେ ଢ଼ିଙ୍କି ପ୍ରହାରର ଲୁହସମା ଶିବଲିଙ୍ଗ ଉପରେ ଏକ ସୁଦୃଶ୍ୟ ଗର୍ତ୍ତ କରିସାରିଛି, ସହିପରି ଭାବରେ ପାଣ୍ଡିତଗଣଙ୍କ ସହମତରେ ପ୍ରତିଷ୍ଠା କରାଯାଇଛି। ପ୍ରତିଷ୍ଠିତ ଲିଙ୍ଗରେ ଢ଼ିଙ୍କି ପାହାର ଚିହ୍ନର ଏବେ ବି ରହିଛି। କୁହାଯାଏ ଏକମତ ନିର୍ଯ୍ୟାସର ସ୍ୱୀକାରକୁ ସାଧାରଣ ଜନତା ସେ ପଥର ଖଣ୍ଡକୁ ପୂଜା କରୁଛନ୍ତି। କୁହାଯାଏ ଯେତେ ପଥର ସେତେ ଶଙ୍କର। ଏହା ନର୍ମଦା ନଦୀର ବାଲିଗରଡ଼ା, ଯାହା ନର୍ମଦେଶ୍ୱର ଶିବଲିଙ୍ଗ ରୂପେ ଭକ୍ତ ମାନଙ୍କର ଗଣ୍ଠି ଧନ। କାହିଁ ଆବାହମାନ କାଳରୁ ଏହି ବାଲିଗରଡ଼ା ଉପଲବ୍ଧ ହୋଇ ଆସୁଛି, ଲୋକେ ପବିତ୍ର ମନରେ ଦେବଅଙ୍ଗ ବୋଲି ସଂଗ୍ରହ କରି ପୂଜା କରୁଛନ୍ତି ଏରି ନେପାଳର ଗଣ୍ଡୁକୀ ନଦୀର ଶିଳା ଖଣ୍ଡ ବିଷ୍ଣୁଶିଳା ଶାଳଗ୍ରାମ ବିଷ୍ଣୁ ଉପାସକ ମାନଙ୍କର ଗଣ୍ଠିଧନ, ଶାଳଗ୍ରାମ ପରିଚିତ ଚକ୍ର ଚିହ୍ନରୁ ବିଷ୍ଣୁଙ୍କର ଭିନ୍ନ ଭିନ୍ନ ରୂପର ନାମରେ ଗ୍ରହଣ କରାଯାଏ। ଗୋମତୀ ନଦୀ ଦ୍ୱାରକା ଧାମର ଦ୍ୱାରକାଧୀଶ ମନ୍ଦିର ପାଖ ଏଥିରେ ମିଳୁଥିବା ଗୋମତୀ ଚକ୍ର ଏମିତି ପବିତ୍ର ଦ୍ରବ୍ୟ। ମାନବ ଅସ୍ଥି ମନ୍ଦିର ମନା ମାତ୍ର ସାମୁଦ୍ରିକ ଜୀବ ଶଙ୍ଖର ମୃତ ଅଙ୍ଗ ସବୁ ମନ୍ଦିରରେ ପୂଜାରେ ରହୁଛି। ବାଦ୍ୟରେ ଏକ ବିଶେଷ ମଙ୍ଗଳନାଦ ମାନ୍ୟତା ପାଉଛି। କେହି ମନ୍ଦିରକୁ ଜୋତା ଚପଲ କମାରପଟି ଆଉ ଚମଡ଼ା ବଟୁଆ ଟଙ୍କା ମୁଣି ନେଇଯିବାଶକ୍ତ ମନା ମାତ୍ର ମନ୍ଦିରରେ ବାଜୁଥିବା ମୃଦଙ୍ଗ, ସକାଳେ ସନ୍ଧ୍ୟା ଆରତୀରେ ନାଦ ବାଦ୍ୟ ବୃହତ ନାଗରାରେ ମଇଁଷି ବା ଗୋଚର୍ମ ହିଁ ଛାଉଣୀ ରହିଛି। ଏହା ମାନ୍ୟତାକୁ ଆସୁଛି, ଚାମର ଚାମରୀ ଗାଈର ଲାଞ୍ଜ ଚୁଳ,ଗୁଚ୍ଛ ଏହା ଦେବ ମନ୍ଦିରର ଦେବ ଉପଚାରର ଅଙ୍ଗ, ପାଲାଗାୟକଙ୍କ ଅଭିଷେକ ଦିନରୁ ତାଙ୍କ ଗୁରୁଙ୍କ ଦ୍ୱାରା ଧରାଇ ଦିଆଯିବା ଚାମର ଏକ ଗାୟକଙ୍କ ଦୀକ୍ଷିତ ମାନ୍ୟତାକୁ ଏକ ଦର୍ଶକ ସମ୍ମୋହନକାରୀ କବଚ । ଏହାରି ମଧ୍ୟମରେ ସେ ରାଜା, ମହାରାଜାଙ୍କୁ ମସ୍ତକରେ ଚାମର ଛୁଆଇଁ ଆଶୀର୍ବାଦ କରନ୍ତି। ଯେଉଁ ପିଲାର ମାନସିକ ପୂଜା କରାଯାଉଥାଏ ତା ମସ୍ତକରେ ସେହି ଚାମର ଲଗାଇ କଲ୍ୟାଣ କରନ୍ତି। ତେବେ ଉପଚାର, ରାଜଉପଚାରରେ ଏକ ଅଙ୍ଗ ଏହି ଚାମର ରହିଛି। ପୂଜାରେ ଦେବତା ଆବାହନ ହେଉ, ପିତୃ ଶ୍ରାଦ୍ଧ ହେଉ, ପୁରୋହିତ ବରଣ ହେଉ ବନ୍ଧୁ ଶଙ୍ଖୁଳା ହେଉ ଗୁଅ, ଲାଗୁଛି, ଦେବତାର ପ୍ରତିନିଧି ଗୁଆ ସାଜୁଛନ୍ତି। କଳସରେ ଦେବତା ଆବାହନ ହେଉଛି ଏପରିକି ପ୍ରେତ ଆବାହନ କଳସରେ ବି କରାଯାଏ।

ଆଜିକାଲି ଶତ୍ରୁତା ସାଧନରେ ଶତ୍ରୁକୁ ଜୀବନରୁ ଶେଷ କରିବାକୁ ଭଡ଼ାଟିଆ ପେଶାଦାର ହିତାହିତ ଶୂନ୍ୟ ଜୀବନ୍ତ ଯମଦୂତଙ୍କୁ ଅର୍ଥରତୋଫା ସୁପାରୀ ଚଲା ଯିବା ପୋଲିସ ଧରପକଡ଼ରେ ଜଣାପଡୁଛି। ଦୁଇଜଣ ଭାବ ଆଦାନ ପ୍ରଦାନରେ ତୃତୀୟ ଆବଶ୍ୟକରେ ଦୌତକ୍ରିୟା ଥିଲା। ଶାସ୍ତ୍ରରେ ହଂସ ଦୂତ ମେଘଦୂତ, ଦେବଦୂତ, ଦେବୀଦୂତୀର ନଜିର ଅଛି। ରାଜତନ୍ତ୍ରରେ ଏକ ରାଜାଙ୍କ ଦରକାରରେ ଅନ୍ୟ ରାଜସହ ସମ୍ପର୍କ ଏହି ଦୌତ କ୍ରିୟା ଆବାହମାନ ଚାଲି ଆସୁଛି। ଏବେ ଏହା ରାଜଦୂତ ଅଛ, ରାଜତନ୍ତ୍ରରେ ଅନେକ ଦେଶରେ ବଦଳ ହୋଇ ମୁତୟନ ରହିଛନ୍ତି ବାଣିଜିକ ଦୂତବାସ ଏମିତି ଅଛି। ଯେଉଁମାନେ ପ୍ରେରିତ ଦେଶ ରାଜଶକ୍ତିର ଆଭିମୁଖ୍ୟ ତତ ଦେଶ ରାଜ ଚେୟାର ଥିବା କର୍ତ୍ତୃପକ୍ଷଙ୍କୁ ଅବଗତ କରାଉଛନ୍ତି। ଭଗବାନ ଶ୍ରୀକୃଷ୍ଣ ଦିନେ ଏମିତି ଶାନ୍ତି ଦୂତ ସାଜିଥିଲେ। ଖବର କାଗଜ, ବେତାର ମେଡ଼ିଆ, ମୋବାଇଲ ଫୋନ, ଦୂରଦର୍ଶନ ଏସବୁ ଦୂତ କାମ କରୁଛନ୍ତି। ଏହା ମହା ଦାୟିତ୍ୱ କାମ ଏହା ମୂଳ ଉତ୍ସ ଦେବର୍ଷି ନାରଦ। ସ୍ୱର୍ଗ, ମର୍ତ୍ତ୍ୟ, ପାତାଳର ସମାଚାର ଅନ୍ନଦାତା, ପାଳନ କର୍ତ୍ତା, ଏମିତି ଧ୍ୱଂସକର୍ତ୍ତା, ଦଣ୍ଡଦାତା, ସର୍ବତ୍ର ସେ ଯାଇ ଗୁରୁତ୍ୱପୂର୍ଣ୍ଣ ଖବର, ସରବରାହ କରୁଥିଲେ ଏହି ପରମ୍ପରା ଏ ସମୟରେ ମେଡ଼ିଆ ମାନେ କରିବା ଦେଖାଯାଉଛି। ଏମିତି ବିଭିନ୍ନ ଧାରାରେ ସଂସାର ଚାଲୁଛି, ପଦବୀ ସ୍ଥିର ସମୟକୁ ଅଧିକାରୀ ବଦଳୁଛନ୍ତି, ସ୍ୱର୍ଗମହାରାଣୀ ଇନ୍ଦ୍ରାଣୀ ସ୍ଥିର ରାଜା ଇନ୍ଦ୍ର ବଦଳୁଛନ୍ତି, ରାଷ୍ଟ୍ରପତି ପ୍ରଧାନ ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଏପରି ପଦକୁ ସମୟାନ୍ତରକୁ ଭିନ୍ନ ନାମର ବ୍ୟକ୍ତି ଆସିଲେ ବି ପଦ ସ୍ଥିର। ଦାୟିତ୍ୱ ତୁଲାଇବାରେ ପଦବୀ ଧାରୀଙ୍କ ସମୟାନ୍ତରକୁ ସମସ୍ୟା ଆଣେ କେବଳ ସ୍ଥିତପ୍ରଜ୍ଞ ହିଁ ତାର ମୁକାବିଲା ଠିକ କରିପାରନ୍ତି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଜିନିଅସ୍

**ଡକ୍ଟର ସୁରେଶ କୁମାର ନାୟକ**

ବେଳେବେଳେ ପିଲାଙ୍କ ମନକୁ ଅଜବ ପ୍ରଶ୍ନସବୁ ଆସିଥାଏ। କୌଣସି ବିଷୟରେ ନ ବୁଝିବା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ପ୍ରଶ୍ନ ମନକୁ ଆନ୍ଦୋଳିତ କରୁଥାଏ। ତେଣୁ ସମସ୍ତଙ୍କୁ ପ୍ରଶ୍ନ ପଚାରି ଉତ୍ତର ଜାଣିବା ପାଇଁ ଅସ୍ତବ୍ୟସ୍ତ କରିପକାନ୍ତି। ଯେ କୌଣସି ବିଷୟ ହେଉ ସେ ସମ୍ପର୍କରେ ଭଲ ଭାବରେ ଜାଣିବା ପାଇଁ ଆଗ୍ରହ ଦେଖାଇଥାନ୍ତି। ପିଲାଙ୍କର ଏଭଳି ଲକ୍ଷଣ ବେଳେବେଳେ ଘରଲୋକଙ୍କୁ ଅସୁବିଧାରେ ପକାଇଥାଏ ଓ ଏସବୁ ଗୁଣକୁ ସେମାନେ ଦୁଷ୍ଟାମି ବୋଲି ଭାବିନିଅନ୍ତି। ହେଲେ ପିଲାଙ୍କ କ୍ଷେତ୍ରରେ ଏହି ଲକ୍ଷଣ ସବୁବେଳେ ଦୁଷ୍ଟାମିର କାରଣ ହୋଇନଥାଏ। ଏହା ମଧ୍ୟ ସେମାନଙ୍କ ବୁଦ୍ଧିମତ୍ତାର ପରିଚୟ ଦେଇଥାଏ, ଯାହାକୁ ଜିନିଅସ୍ ବୋଲି କୁହାଯାଇପାରେ। ତେଣୁ ଏଭଳି ପିଲାଙ୍କର ଲକ୍ଷଣ ସାଧାରଣତଃ ଭିନ୍ନ ହୋଇଥାଏ।

ବେଳେବେଳେ କେତେ ଜଣ ନିଜ ପାଠ ପ୍ରତି ଯେତିକି ଆଗ୍ରହ ଦେଖାନ୍ତି ନାହିଁ ତା'ଠାରୁ ବହୁ ଅଧିକ ଆଗ୍ରହ ଅନ୍ୟ କୌଣସି ବିଷୟ ପ୍ରତି ଦେଖାଇଥାନ୍ତି। ଏମିତିକି ଏଭଳି ଜିନିଅସ ପିଲାମାନେ ଅନେକ ସମୟରେ ପାଖରେ ପଢୁଥିବା ଅନ୍ୟ ପିଲାଙ୍କ ପାଠ ବିଷୟରେ ବି ଅଧିକ ରୁଚି ଦେଖାଇଥାନ୍ତି। ପ୍ରତି ମୁହୂର୍ତ୍ତରେ ସବୁ ସମ୍ପର୍କରେ ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରିଥାନ୍ତି। କୌଣସି ବିଷୟରେ ଆଲୋଚନା ହେଉଥିଲେ ଏମାନେ ହୁଏତ ଅଧିକ ଜାଣିଥାନ୍ତି ଅବା ଅଧିକ ଜାଣିବାର ଆଗ୍ରହ ଦେଖାଇଥାନ୍ତି। ଜିନିଅସ ପିଲାଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ ପରିସୀମା ନଥାଏ। କେବଳ ସେମାନଙ୍କର ଆଇକ୍ୟୁ ଲେଭଲ ବହୁତ ଅଧିକ ରହିଥାଏ। ତେବେ ସାଧାରଣ ପିଲାଙ୍କ ତୁଳନାରେ ଏମାନଙ୍କ ବ୍ୟବହାର ଭିନ୍ନ ହୋଇଥାଏ।

ଜିନିଅସ ପିଲାମାନେ ପ୍ରତ୍ୟେକ ବିଷୟକୁ ଶୀଘ୍ର ବୁଝିପାରନ୍ତି। ଅନ୍ୟ ପିଲାଙ୍କ ତୁଳନାରେ ଶୀଘ୍ର ଜାଣିପାରନ୍ତି। ଏଭଳି ପିଲା କୌଣସି ବିଷୟରେ ଗଭୀର ଭାବରେ ବୁଝିବା ପାଇଁ ଚେଷ୍ଟା କରନ୍ତି। ଏମିତିକି ସମ୍ପୂର୍ଣ୍ଣ ଭାବେ ନ ଜାଣିବା ପର୍ଯ୍ୟନ୍ତ ଏମାନେ ଛାଡ଼ନ୍ତି ନାହିଁ। କୌଣସି ବିଷୟରେ ସମାଧାନ ବାହାର କରିବାର ନୂଆ ନୂଆ କୌଶଳକୁ ଆପଣାଇଥାନ୍ତି ଏମାନେ। ତେଣୁ ପଢ଼ା ବହିର ବାହାରେ ମଧ୍ୟ ଏମାନେ ନିଜ ମନରୁ ଭିନ୍ନ ଭିନ୍ନ ଉପାୟରେ ସମାଧାନ ଆପଣାଇଥାନ୍ତି। ଅଧିକ ଭାବୁକ, ଅଧିକ ସମ୍ବେଦନଶୀଳ ହୋଇଥାନ୍ତି ଜିନିଅସ ପିଲା। ସେଥିପାଇଁ ଅନ୍ୟର ଭାବନାକୁ ମଧ୍ୟ ଏମାନେ ଗଭୀର ଭାବେ ବୁଝିପାରନ୍ତି। ବେଳେ ବେଳେ ଏମାନେ ଏକୁଟିଆ ରହି ବିଭିନ୍ନ ପ୍ରକାରର ପଜଲ ଗେମ, ଚେସ ଆଦି ଖେଳିବାକୁ ପସନ୍ଦ କରନ୍ତି। ଏହି ପିଲାମାନେ ଅଧିକ ଆତ୍ମନିର୍ଭର ହୋଇଥାନ୍ତି। ପ୍ରତ୍ୟେକ କାମକୁ ନିଜେ ଶିଖିବା ଓ କରିବା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। ତେଣୁ ଏମାନଙ୍କୁ ଅଧିକ ଗାଇଡ଼ କରିବାର ଆବଶ୍ୟକ ପଡ଼ି ନଥାଏ ତେଣୁ ନିଜ ଉପରେ ଏମାନଙ୍କର ସବୁ ସମୟରେ ଏକ ସୁନ୍ଦର ନିୟନ୍ତ୍ରଣ ରହିଥାଏ। କୌଣସି ପ୍ରକାରର ବିପରୀତ ପରିସ୍ଥିତିରେ ଏମାନେ ଧୈର୍ଯ୍ୟହରା ହୁଅନ୍ତି ନାହିଁ। ବରଂ ଶାନ୍ତ ଭାବରେ ସବୁ ପରିସ୍ଥିତିରେ ନିଷ୍ପତ୍ତି ନେଇଥାନ୍ତି। ସଫଳତା ଓ ବିଫଳତା ଭିତରେ ଥିବା ପାର୍ଥକ୍ୟକୁ ଏମାନେ ଭଲ ଭାବରେ ଜାଣିଥାନ୍ତି। କୁହାଯାଏ ଜିନିଆସ ପିଲାମାନେ ଈଶ୍ୱରଙ୍କ ଆଶୀର୍ବାଦ ହୋଇଥାନ୍ତି। ଅର୍ଥାତ୍ ଏମାନେ ଜନ୍ମରୁ ସ୍ୱତନ୍ତ୍ର ଲକ୍ଷଣ ନେଇ ଆସିଥାନ୍ତି। ହେଲେ ସାଧାରଣ ପିଲାଟିଏ ବି ଚାହିଁଲେ ନିଜକୁ ଜିନିଅସ କରି ଗଢ଼ି ତୋଳିପାରିବ। ଏଥିପାଇଁ ଲୋଡ଼ା କେବଳ ନିଷ୍ଠା ଓ ପରିଶ୍ରମ। ଏକନିଷ୍ଠ ପରିଶ୍ରମ ବଳରେ ଅସମ୍ଭବକୁ ବି ସାଧନ କରିହେବ। ତେଣୁ ନିଜ କ୍ଷମତାର ପରିସରକୁ ବୃଦ୍ଧି କରି ବ୍ୟାପକ ଜ୍ଞାନର ଅଧିକାରୀ ହେବା ନିମନ୍ତେ ପ୍ରଥମେ ଇଚ୍ଛାଶକ୍ତି ସୃଷଟି କରିବାକୁ ହେବ। ତାପରେ ଜିନିଅସ ପିଲାଙ୍କର ଲକ୍ଷଣକୁ ଅନୁଧ୍ୟାନ କରି ସେଭଳି ସବୁ କାମ ନିଜ ଜୀବନରେ କରିବାର ଚେଷ୍ଟା ହିଁ ଜଣଙ୍କ ଭିତରେ ଅସାଧାରଣ ପ୍ରତିଭା ସୃଷ୍ଟି କରିପାରିବ।

ନିଜକୁ ଅଧିକ ବୁଦ୍ଧିମାନ ଓ ଜିନିଅସ କରି ଗଢ଼ିବାକୁ ଚାହୁଁଥିଲେ ଏସବୁ ଲକ୍ଷଣ ଗୁଡ଼ିକୁ ଅନୁଧ୍ୟାନ କରି ନିଜେ ଆପଣାଇବା ଦରକାର। ପ୍ରଥମ କଥା ସବୁ ବିଷୟକୁ ଭଲ ଭାବରେ ବୁଝିବାର ଚେଷ୍ଟା ଦରକାର। ନୂଆ କଥା ଜାଣିବାର ଆଗ୍ରହ ଦେଖାଇବାକୁ ହେବ। ଏହା ବ୍ୟତୀତ ପଢ଼ାବହିକୁ ଛାଡ଼ି ଅନ୍ୟ ସବୁ ବିଷୟରେ ବହୁତ ଅଧିକ ପଢ଼ିବାର ଅଭ୍ୟାସ କରନ୍ତୁ। ଏହା ବ୍ୟତୀତ ଶରୀରକୁ ସୁସ୍ଥ ରଖନ୍ତୁ। ଫଳରେ ଅଧିକ ପରିଶ୍ରମ ଓ ଶିକ୍ଷା ଲାଭ ନିମନ୍ତେ ନିଜକୁ ଯୋଗ୍ୟ କରିପାରିବେ। ଏହି କ୍ଷେତ୍ରରେ ଅଭିଭାବକଙ୍କର ପ୍ରୟାସ ମଧ୍ୟ ଜରୁରୀ। ତେବେ ନିଜ ଆଇକ୍ୟୁ ବଢ଼ାଇବା ପାଇଁ ବିଭିନ୍ନ ପ୍ରକାରର ଚେଷ୍ଟା ସହିତ ଖେଳ ମଧ୍ୟ ଆପଣାଇ ପାରିବେ। ଅନେକ ଖେଳ ରହିଛି ଯାହା ମାଧ୍ୟମରେ ନିଜ ବୁଦ୍ଧିର ବିକାଶ କରାଇପାରିବେ। ଏସବୁ ବ୍ୟତୀତ କିଛି ଯୋଗ ଓ ମେଡ଼ିଟେସନ ମାଧ୍ୟମରେ ବି ନିଜର ମାନସିକ ବିକାଶ କରାଇହେବ। ତେଣୁ ଏସବୁ ଦିଗ ପ୍ରତି ଦୃଷ୍ଟି ଦେଲେ ସାଧାରଣ ପିଲାଙ୍କ ଭିତରେ ମଧ୍ୟ ଅସାଧାରଣ ଗୁଣ ସୃଷ୍ଟି ହୋଇପାରିବ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୫୯୨
ର-ଙ୍କବସକ୍ଷ : ଶ୍ୱ୨୭୧୧୬୯ଅଶଙ୍କବସକ୍ଷ.ମକ୍ଟଙ୍କ

# ଚର୍ଚ୍ଚାରେ କଟକର ଇଂରାଜୀ ବନାନ ସଂଶୋଧନ ଦିଗ

**ଡ଼ଃ.ଅରୁନ୍ଧତୀ ଦେବୀ**

ବନାନ ସଂଶୋଧନ କରିବାକୁ ରାଜ୍ୟ ସରକାର ବିଚାର କରୁଛନ୍ତି। ତା'ମଧ୍ୟରେ ସାତଟି ଜିଲ୍ଲାର ଇଂରାଜୀ ବନାନ ମଧ୍ୟ ବଦଳିବ। ଏ ନେଇ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଏ ପ୍ରସଙ୍ଗରେ 'କଟକ' ନାମକରଣକୁ ନେଇ ମଧ୍ୟ ପୂର୍ବରୁ ବିବାଦ ରହି ଆସିଛି। କଟକର ଉଚ୍ଚାରଣ ବା ସମ୍ବୋଧନ ରହି ଆସିଛି। କଟକର ଉଚ୍ଚାରଣ ବା ସମ୍ବୋଧନ ଓ ଇଂରାଜୀ ବନାନ ଭିନ୍ନ ଥିବା ବେଳେ ପୂର୍ବରୁ କଟକ ସହରର ବୁଦ୍ଧିଜୀବୀମାନେ ଏ ନେଇ ଆପତ୍ତି ଉଠାଇଛନ୍ତି। ଯଦିଓ ଏବେ ସୁଦ୍ଧା ଏ ବାବଦରେ ଲମ୍ବା ବିତର୍କ କିମ୍ବା ଆଲୋଚନା ହୋଇନାହିଁ। ଏବେ ସାତ ଜିଲ୍ଲାର ଇଂରାଜୀ ବନାନ ବଦଳିବା ପରେ ଓଡ଼ିଶା ପୁରୁଣା ରାଜଧାନୀ କଟକର ବନାନ ପରିବର୍ତ୍ତନକୁ ନେଇ ପୁଣିଥରେ ଚର୍ଚ୍ଚା ଆରମ୍ଭ ହୋଇଛି।

ଖୁର୍ଦ୍ଧା କି ଖୋର୍ଦ୍ଧା ନୁହେଁ, ଏଣିକି ଖୋରଧା। ଆଉ ଲେଖାଯିବନି ଦେଓଗଡ଼, ସବୁଠି ରହିବ ଦେବଗଡ଼। ଅନୁଗୁଳ ହେବ ଅନୁଗୋଳ। କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ଇଂରାଜୀ ବନାନ ସଂଶୋଧିତ ହେବ। ଏଣିକି କୁହାଯିବ ଆଳି ଓ ଇଂରାଜୀରେ ଲେଖାଯିବ ମଧ୍ୟ ଆଳି ଓ ଇଂରାଜୀ ଲେଖାଯିବ ମଧ୍ୟ ଆଳି। ଏମିତି ଲେଖା ଯିବ, ଯେମିତି ଉଚ୍ଚାରଣକୁ ନେଇ ଦ୍ୱନ୍ଦ୍ୱ କିମ୍ବା ଭିନ୍ନତା ରହିବନି।

ରାଜସ୍ୱ ବିଭାଗ ପକ୍ଷରୁ ବିଭିନ୍ନ ଜିଲ୍ଲା, ବ୍ଲକ, ତହସିଲକୁ ନେଇ ଥିବା ନାମର ଦ୍ୱନ୍ଦ୍ୱ ଦୂର କରାଯିବ। ଇଂରାଜୀ ବନାନ ଏବଂ ଓଡ଼ିଆ ଉଚ୍ଚାରଣରେ ରହିବ ସମାନତା। ଏ ନେଇ ୧୧ଟି ଜିଲ୍ଲାର ମୋଟ ୨୫ଟି ସ୍ଥାନର ଇଂରାଜୀ ନାମର ବନାନ ସଂଶୋଧିତ କରିବାକୁ ପ୍ରସ୍ତାବ ଜାରି କରିଛି ବିଭାଗ। ଗତକାଲି ଏହି ପ୍ରସ୍ତାବକୁ ନେଇ ଆପତ୍ତି ଅଭିଯୋଗ ଆହ୍ୱାନ କରାଯାଉଛି। ୧୫ଦିନ ମହଲତ ଦିଆଯାଇଛି।



# ନ୍ୟାୟିକ ତଦାରଖରେ ଚାଲିବ ପଶ୍ଚିମବଙ୍ଗରେ ଏସ୍ଆଇଆର୍

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):**ପଶ୍ଚିମବଙ୍ଗରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଚାଲିଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍ଆଇଆର୍)କୁ ନେଇ ସୁପ୍ରିମକୋର୍ଟ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ



ଜଷ୍ଟିସ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ପଶ୍ଚିମବଙ୍ଗ ସରକାର ଓ ନିର୍ବାଚନ ଆୟୋଗଙ୍କ ମଧ୍ୟରେ ଚାଲିଥିବା ବିବାଦକୁ ନେଇ ଉଭୟଙ୍କୁ ତୀବ୍ର ସମାଲୋଚନା କରିଥିଲେ । ଖଣ୍ଡପୀଠ ମାମଲାର ଶୁଣାଣି କରି ରାଜ୍ୟରେ ଏସ୍ଆଇଆର୍ ପ୍ରକ୍ରିୟା ନ୍ୟାୟିକ ତଦାରଖରେ ଚାଲିବ ବୋଲି ନିର୍ଦ୍ଦେଶ ଦେଇଥିଲେ । ନ୍ୟାୟିକ ତଦାରଖ ପାଇଁ କୋଲକାତା ହାଇକୋର୍ଟଙ୍କ କାର୍ଯ୍ୟରତ କିମ୍ବା ପୂର୍ବତନ ନ୍ୟାୟିକ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଭୋଟର ତାଲିକା ଯାଞ୍ଚ ପାଇଁ ଚାଲିଥିବା ଅଭିଯାନକୁ ନେଇ ରାଜ୍ୟ ସରକାର ଓ ନିର୍ବାଚନ ଆୟୋଗଙ୍କ ମଧ୍ୟରେ ଯେପରି ବିବାଦ ଚାଲିଛି ସର୍ବୋଚ୍ଚ ଅଦାଲତ ତାହା ଦୁର୍ଭାଗ୍ୟପୂର୍ଣ୍ଣ ବୋଲି କହିଛନ୍ତି । ଦୁଇ ସାମ୍ବିଧାନିକ ପ୍ରତିଷ୍ଠାନ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ରାଜ୍ୟ ସରକାର ଓ ନିର୍ବାଚନ ଆୟୋଗଙ୍କ ମଧ୍ୟରେ ଆରୋପ ଅଭିଯୋଗ ପରସ୍ପର ଉପରେ ବିଶ୍ୱାସର ଅଭାବକୁ ଦର୍ଶାଉଛି ବୋଲି କୋର୍ଟ କହିଥିଲେ ।

# ଭାରତ- ପାକିସ୍ତାନ ବିବାଦରେ ମଧ୍ୟସ୍ଥତା ନେଇ ପୁଣି ଟ୍ରମ୍ପଙ୍କ ଦାବି

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଭାରତ-ପାକିସ୍ତାନ ମଧ୍ୟରେ ଗତବର୍ଷ ହୋଇଥିବା ଯୁଦ୍ଧ ବନ୍ଦ କରିବାରେ ମଧ୍ୟସ୍ଥତା କରିଥିବା ନେଇ ଦାବି ଦୋହରାଇଛନ୍ତି । ସେ ଉଭୟ ଦେଶକୁ କଡ଼ା ବାଣିଜ୍ୟିକ ଦଣ୍ଡ ଦେବାକୁ ଧମକ ଦେଇ ଏହି ଯୁଦ୍ଧ ବନ୍ଦ କରାଇଥିଲେ ବୋଲି ଟ୍ରମ୍ପ କହିଛନ୍ତି । ଯୁଦ୍ଧବେଳେ ପ୍ରାୟ ୧୧ଟି ଦାମୀ ଲଢୁଆ ବିମାନ ଖସାଇ ଦିଆଯାଇଥିଲା ବୋଲି ଟ୍ରମ୍ପ ନୂଆକରି ଦାବି କରିଛନ୍ତି । ୱାସିଂଟନଠାରେ ଆମେରିକା ନେତୃତ୍ୱରେ ଗାଜା ଶାନ୍ତି ବୋର୍ଡ଼ ଆଲୋଚନା ବେଳେ ଟ୍ରମ୍ପ କହିଥିଲେ ଯେ, ଯଦି ଭାରତ ଓ ପାକିସ୍ତାନ ଯୁଦ୍ଧ କରନ୍ତି ତେବେ ସେ ଉଭୟ ଦେଶ ଉପରେ ୨୦୦ ପ୍ରତିଶତ ଶୁଳ୍କ ଲଗାଇବେ ।ଉଭୟ ଦେଶ ଯୁଦ୍ଧ କରିବାକୁ ଚାହୁଁଥିଲେ । କିନ୍ତୁ ଶୁଳ୍କ ଲଗାଇବା କଥା ଶୁଣିବା ପରେ ଯୁଦ୍ଧ ବନ୍ଦ କରିବାକୁ ରାଜି ହୋଇଯାଇଥିଲେ ବୋଲି ଟ୍ରମ୍ପ କହିଛନ୍ତି । ଗତବର୍ଷ ମେ’ ମାସରେ ଭାରତ- ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୋଇଥିବାବେଳେ ସେବେଠାରୁ ଟ୍ରମ୍ପ ଅନେକ ଥର ଯୁଦ୍ଧବିରତିରେ ମଧ୍ୟସ୍ଥତା କରିଥିବା ନେଇ ଦାବି କରିଛନ୍ତି । ଗତବର୍ଷ ଏପ୍ରିଲରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ଭାରତର ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ପରେ ଭାରତ ‘ଅପରେସନ ସିନ୍ଦୂର’ ନାଁରେ ପାକିସ୍ତାନରେ ଥିବା ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିଲାଟ୍ରମ୍ପ ଶାନ୍ତି



ବୋର୍ଡ ଆଲୋଚନା ଅବସରରେ ଦାବି କରିଥିଲେ ଯେ, ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ଏକ ଭୟଙ୍କର ପର୍ଯ୍ୟାୟକୁ ଚାଲି ଯାଇଥିଲା । ଆକାଶ ମାର୍ଗରେ ଦୁଇଦେଶ ମୁହାଁମୁହିଁ ହୋଇଥିଲେ । ଅନେକ ବିମାନ ନଷ୍ଟ ହୋଇଥିଲା । ଏହି ଯୁଦ୍ଧ ସମୟରେ ୧୧ଟି ଲଢୁଆ ବିମାନକୁ ଗୁଳି କରି ଖସାଇ ଦିଆଯାଇଥିଲା, ସେଗୁଡ଼ିକୁ ଖୁବ୍ ଦାମୀ ଜେଟ୍ ଥିଲା ବୋଲି ଟ୍ରମ୍ପ କହିଛନ୍ତି । ମୁଁ ଉଭୟ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଫୋନରେ ଯୋଗାଯୋଗ କରିଥିଲିୟ ମୁଁ ସେମାନଙ୍କୁ ଜାଣିଥିଲି । ମୁଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭଲ ଭାବରେ ଜାଣିଥିଲି । ମୁଁ ସେମାନଙ୍କୁ କହିଥିଲି ତୁମେ ଯୁଦ୍ଧ ବନ୍ଦ ନକଲେ ମୁଁ ତୁମମାନଙ୍କ ସହିତ ବାଣିଜ୍ୟ ଚୁକ୍ତି କରିବି ନାହିଁ ଓ ଦୁଇ ଦେଶ ଯୁଦ୍ଧବିରତି ପାଇଁ ସଙ୍ଗେ ସଙ୍ଗେ ରାଜି ହୋଇଯାଇଥିଲେ ବୋଲି ଟ୍ରମ୍ପ କହିଥିଲେ । ରାଷ୍ଟ୍ରପତି ଟ୍ରମ୍ପ ମଧ୍ୟ ଆହୁରି କହିଥିଲେ ଯେ, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ତାଙ୍କୁ ଏଥିପାଇଁ ସର୍ବସାଧାରଣରେ ଧନ୍ୟବାଦ ଦେଇଥିଲେ ଓ ୨୫ ନିୟୁତ ଜୀବନ ବଞ୍ଚେଇ ଦେଇଥିବା ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ ବୋଲି ଟ୍ରମ୍ପ କହିଥିଲେ । ଟ୍ରମ୍ପ ବାରମ୍ବାର ଏପରି ଦାବି କରିଆସୁଥିବାବେଳେ ଭାରତ କିନ୍ତୁ ଯୁଦ୍ଧବିରତିରେ କେଣସି ତୃତୀୟ ପକ୍ଷର ସମ୍ପୃକ୍ତିକୁ ଖଣ୍ଡନ କରିଆ।ସୁଛି , ଅନ୍ୟପକ୍ଷରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଗାଜା ଶାନ୍ତି ବୋର୍ଡ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାବେଳେ ଅସ୍ୱସ୍ତିକର ମୁହୂର୍ତ୍ତର ସମ୍ମୁଖୀନ ହୋଇଥିଲେ। ଟ୍ରମ୍ପ ତାଙ୍କର ତଥାକଥିତ ମଧ୍ୟସ୍ଥତା ଦକ୍ଷତା ବିଷୟରେ ଆଲୋଚନା କରିବା ସମୟରେ ସରିଫ୍ଙ୍କୁ ଛିଡ଼ା ହେବାକୁ କହିଥିଲେ, ଯାହାକି ତାଙ୍କ ପାଇଁ ଖୁବ୍ ଅପମାନଜନକ ଥିଲା ।

# ପ୍ରଶାନ୍ତ ମହାସାଗରରୁ ୧୦ ଟନରୁ ଅଧିକ କୋକେନ୍ ଜବତ, ୩ଅଟକ

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):**ମେକ୍ସିକୋ ଓ ଏଲ ସାଲଭାଡୋରର ନୌସେନା ପ୍ରଶାନ୍ତ ମହାସାଗରରେ ୧୦ ଟନରୁ ଅଧିକ କୋକେନ୍ ଜବତ କରିଥିବା ଦାବି କରିଛନ୍ତି । ଆମେରିକୀୟ ଗୁପ୍ତଚରଙ୍କ ଗୁପ୍ତ ସୂଚନା ଆଧାରରେ ଏହି ଅଭିଯାନ କରାଯାଇଥିଲା । ଏଲ ସାଲଭାଡୋର ୬.୬ ଟନର କୋକେନ୍ ଜବତ କରିଥିବାବେଳେ ମେକ୍ସିକୋ ଚାରି ଟନ ଜବତ କରିଛି । ଲାଟିନ୍ ଆମେରିକୀୟ ଜଳସୀମାରେ କୋକେନ୍ ପରିବହନ କରାଯାଉଥିବା ସନ୍ଦେହରେ କିଛି ଡଙ୍ଗା ଉପରେ ଘାତକ ଆକ୍ରମଣ କରାଯାଇଥିଲା, ଯେଉଁଥିରେ ୧୧ ଜଣଙ୍କର ମୃତ୍ୟୁ ଘଟିଛି



ଏବଂ ୩ଜଣଙ୍କୁ ଅଟକ ରଖାଯାଇଛି । ଗୁରୁବାର ମେକ୍ସିକୋ ପକ୍ଷରୁ କୋକେନ୍ ଜବତ ନେଇ ସୂଚନା ଦିଆଯାଇଥିଲା । ମେକ୍ସିକୋର ସୁରକ୍ଷା ମନ୍ତ୍ରୀ ଓମାର ଗାର୍ସିଆ ହାର୍ଫୁଚ୍ ଏକ୍ସରେ କହିଛନ୍ତି, ୩ଟି ମୋଟର ଚାଳିତ ଡଙ୍ଗାରୁ ଜବତ ହୋଇଥିବା କୋକେନକୁ ମିଶାଇ ଗୋଟିଏ ସପ୍ତାହ ମଧ୍ୟରେ ମୋଟ ପରିମାଣ ପ୍ରାୟ ୧୦ ଟନକୁ ବୃଦ୍ଧି ପାଇଛି । ରବିବାର, ଏଲ୍ ସାଲଭାଡୋରର ନୌସେନା ସର୍ବାଧିକ ୬.୬ ଟନ୍ କୋକେନ୍ ଜବତ କରିଛି । ନୌସେନା ଦକ୍ଷିଣ-ପଶ୍ଚିମରେ ୧୮୦ ଫୁଟ ଲମ୍ବା ତାଞ୍ଜାନିଆ-ପଞ୍ଜିକୃତ ଏକ ଡଙ୍ଗାକୁ ଅଟକାଇଥିଲା । ସେଥିରୁ ୩୩୦ ପ୍ୟାକେଟ୍ କୋକେନ୍ ଜବତ ହୋଇଛି । ଏହି ଅଭିଯାନରେ କଲମ୍ବିଆ, ନିକାରାଗୁଆ, ପାନାମା ଓ ଇକ୍ୱେଡରର ଦଶ ଜଣଙ୍କୁ ଗିରଫ କରାଯାଇଛି । ଗତ ବର୍ଷ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଡ୍ରଗ୍ସ ଜବତ ବୃଦ୍ଧି କରିବା ପାଇଁ ମେକ୍ସିକୋ ଉପରେ ଚାପ ପକାଇଥିଲା । ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମ ପୂର୍ବ ଅପେକ୍ଷା ବର୍ତ୍ତମାନ ଡ୍ରଗ୍ସ ଗ୍ୟାଙ୍ଗ ବିରୁଦ୍ଧରେ ଅଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛନ୍ତି ।

# ଟ୍ରମ୍ପଙ୍କୁ ଡରୁଛନ୍ତି ଶାହବାଜ ସରିଫ

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):**ୱାଶିଂଟନରେ ଶାନ୍ତି ବୋର୍ଡର ଉଦଘାଟନୀ ଅଧିବେଶନରେ ଏକ ଦୃଶ୍ୟ ଦେଖିବାକୁ ମିଳିଛି ଯାହା ଅନ୍ତର୍ଜାତୀୟ ଗଣମାଧ୍ୟମରେ ବ୍ୟାପକ ଭାବରେ ଚର୍ଚ୍ଚା ହେଉଛି । ତାଙ୍କ ଅଭିଭାଷଣ ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ସମୟରେ ଶାନ୍ତି ପାଇଁ ସମ୍ପୂର୍ଣ୍ଣ ଶ୍ରେୟ ନେଇଥିଲେ । ଏହା ବ୍ୟତୀତ ସେ ତାଙ୍କ ଭାଷଣ ସମୟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଠିଆ ହେବାକୁ କହିଥିଲେ ଏବଂ ପରେ ଖୋଲାଖୋଲି ଭାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରିଥିଲେ । ଟ୍ରମ୍ପ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସଂଘର୍ଷ ରୋକିବା ପାଇଁ ନିଜକୁ ନିଜେ ପ୍ରଶଂସିତ କରୁଥିବା ସମୟରେ ଏହି ଘଟଣା ଘଟିଥିଲା । ତାଙ୍କ ଭାଷଣ ସମୟରେ ଟ୍ରମ୍ପ କହିଥିଲେ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏକ ବହୁତ ବଡ଼ ସମସ୍ୟା ଥିଲା । ମୁଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କଥା ହୋଇଥିଲି । ସେ ବହୁତ ଉତ୍ସାହିତ ଏବଂ ପ୍ରକୃତରେ ସେ ଏବେ ଏହି କାର୍ଯ୍ୟକ୍ରମ ଦେଖୁଥିବେ । ତା’ପରେ ସେ ଶାହବାଜ ସରିଫଙ୍କୁ ଇଙ୍ଗିତ କରି ଠିଆ ହେବାକୁ କହିଲେ । ସରିଫ ପ୍ରୋଟୋକଲ ଅନୁସାରେ ଠିଆ ହୋଇଥିଲେ । ସେହି ସମୟରେ, ଟ୍ରମ୍ପ ମଞ୍ଚରୁ କହିଥିଲେ, ଭାରତ ଏବଂ ପାକିସ୍ତାନ, ତୁମ ଉଭୟଙ୍କୁ ବହୁତ ବହୁତ ଧନ୍ୟବାଦ । ମୋଦି ଜଣେ ମହାନ ବ୍ୟକ୍ତି ଏବଂ ମୋର ବହୁତ ଭଲ ବନ୍ଧୁ । ଟ୍ରମ୍ପ ତାଙ୍କର ପୂର୍ବ ଦାବିକୁ ଦୋହରାଇଥିଲେ ଯେ ସେ ଗତ ବର୍ଷ ଏକ ଫୋନ୍ କଲ୍ ମାଧ୍ୟମରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମ୍ଭାବ୍ୟ ଯୁଦ୍ଧକୁ ରୋକିଥିଲେ । ସେ କହିଥିଲେ, ଯେତେବେଳେ ମୁଁ ଜାଣିବାକୁ ପାଇଲି ଯେ ଦୁଇ ଦେଶ ଯୁଦ୍ଧ କରୁଛନ୍ତି ଏବଂ ବିମାନକୁ ଗୁଳି କରି ଖସାଇ ଦିଆଯାଉଛି, ମୁଁ ଫୋନ୍ ଉଠାଇ କହିଥିଲି ଯେ ଯଦି ଯୁଦ୍ଧ ବନ୍ଦ ନ ହୁଏ, ତେବେ ମୁଁ ଉଭୟ ଦେଶ ଉପରେ ୨୦୦ ପ୍ରତିଶତ ବାଣିଜ୍ୟ ଶୁଳ୍କ ଲାଗୁ କରିବି । ତଥାପି, ଭାରତ ପୂର୍ବରୁ ସ୍ପଷ୍ଟ କରିସାରିଛି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ କୌଣସି ଯୁଦ୍ଧବିରତି କିମ୍ବା ଶାନ୍ତି ପ୍ରକ୍ରିୟାରେ କୌଣସି ତୃତୀୟ ପକ୍ଷର ଭୂମିକା ନାହିଁ । ଭାରତ ନିରନ୍ତର ଭାବରେ କହିଛି ଯେ ଏପରି ସମସ୍ୟା ଦ୍ୱିପାକ୍ଷିକ ଭାବରେ ସମାଧାନ କରାଯାଏ । କାର୍ଯ୍ୟକ୍ରମରେ ଟ୍ରମ୍ପ୍ ଯେଉଁଭଳି ଭାବରେ ସାର୍ବଜନୀନ ଭାବରେ ଶାହବାଜ ସରିଫଙ୍କୁ ମଞ୍ଚ ଉପରକୁ ଉଠାଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଶଂସା କରିଥିଲେ, ତାହାକୁ ଅନେକ ବିଶ୍ଳେଷକ ପାକିସ୍ତାନ ପାଇଁ ଏକ ଅସହଜ ପରିସ୍ଥିତି ବୋଲି କହିଛନ୍ତି । ପାକିସ୍ତାନ ସମ୍ପ୍ରତି ଆମେରିକା ସହିତ ତାର ସମ୍ପର୍କକୁ ଦୃଢ଼ ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରୁଛି, କିନ୍ତୁ ଟ୍ରମ୍ପଙ୍କ ବୟାନ ବାରମ୍ବାର ଭାରତ ଏବଂ ମୋଦୀଙ୍କୁ ପ୍ରାଥମିକତା ଦେଉଛି । ଏହା କୂଟନୈତିକ ସନ୍ତୁଳନ ଉପରେ ପ୍ରଶ୍ନ ଉଠାଇଛି ।

# ଇସ୍ରାଏଲରେ ଦୁଇ ଭାରତୀୟଙ୍କୁ ଆକ୍ରମଣ, ତିନି ଅଭିଯୁକ୍ତ ଗିରଫ

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):**ଆସନ୍ତା ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରାଏଲ୍ ଗସ୍ତରେ ଯିବା ନେଇ ଚର୍ଚ୍ଚା ଭିତରେ ସାମ୍ନାକୁ ଆସିଛି ଏକ ଅଭାବନୀୟ ଘଟଣା । ଦକ୍ଷିଣ ଇସ୍ରାଏଲର ଆସ୍କେଲନ୍ ସହରରେ ଦୁଇଜଣ ଭାରତୀୟ ଶ୍ରମିକଙ୍କ ଉପରେ ଆକ୍ରମଣ ହୋଇଛି । ଇସ୍ରାଏଲ ପୁଲିସ ଆକ୍ରମଣକାରୀଙ୍କୁ ଗିରଫ କରିଛି । ଭାରତରେ ଥିବା ଇସ୍ରାଏଲୀ ଦୂତାବାସ କହିଛି ଯେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି ଏବଂ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କେଏଏନ୍ ନ୍ୟୁଜ୍ ଚ୍ୟାନେଲ୍ ଆକ୍ରମଣର ଏକ ଭିଡିଓ କ୍ଲିପ୍ ଜାରି କରିଛି, ଯେଉଁଥିରେ ତିନି ଜଣ ଏକ ସାର୍ବଜନୀନ ପାର୍କରେ ଦୁଇଜଣ ଭାରତୀୟ ଶ୍ରମିକଙ୍କୁ ଆକ୍ରମଣ କରୁଥିବାର ଦେଖାଯାଇଛି । ଭିଡିଓ କ୍ୟାପସନରେ କୁହାଯାଇଛି ଯେ ଏହି ଆକ୍ରମଣ ଜାତିଭେଦକୁ ନେଇ ହୋଇଛି ଏବଂ ଏହା ପୂର୍ବ ଯୋଜନାବଦ୍ଧ ଥିଲା । ଟିଆରଟି ୱାର୍ଲ୍ଡ ଅନୁଯାୟୀ, ଆକ୍ରମଣକାରୀମାନେ ହ୍ୱାଟ୍ସଆପ୍ ମାଧ୍ୟମରେ ପୂର୍ବରୁ ଆକ୍ରମଣ ଯୋଜନା କରିଥିଲେ । ଇସ୍ରାଏଲ ଏହି ଆକ୍ରମଣକୁ କଡ଼ା ନିନ୍ଦା କରିଛି । ଭାରତରେ ଥିବା ଇସ୍ରାଏଲୀ ଦୂତାବାସ କହିଛି ଯେ ଆସ୍କେଲନରେ ହୋଇଥିବା ଆକ୍ରମଣ ଆଦୌ ଗ୍ରହଣୀୟ ନୁହେଁ ଏବଂ ଦୋଷୀମାନଙ୍କୁ ଦଣ୍ଡ ଦିଆଯିବ । ଅନ୍ୟପଟେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି, ଏହି ଘଟଣା ରାଜନୈତିକ ପ୍ରତିକ୍ରିୟା ସୃଷ୍ଟି କରିଛି । କଂଗ୍ରେସ ମୁଖପାତ୍ର ପବନ ଖେଡା ଆହତଙ୍କ ଅବସ୍ଥା ସ୍ପଷ୍ଟ କରିବା ସହ ଇସ୍ରାଏଲୀ କର୍ତ୍ତୃପକ୍ଷଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଇବାକୁ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କୁ ଦାବି କରିଛନ୍ତି ।

# ପଞ୍ଜାବ ନିର୍ବାଚନ ପାଇଁ ଫେବୃଆରି ୨୮ରୁ ରାହୁଲ, ମାର୍ଚ୍ଚରୁ ଅମିତ ଶାହଙ୍କ ପ୍ରଚାର ଆରମ୍ଭ

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):** ପଞ୍ଜାବରେ ବିଧାନସଭା ନିର୍ବାଚନ ୨୦୨୭ରେ ହେବାକୁ ଥିବାବେଳେ ଏବେଠୁ ରାଜ୍ୟ ରାଜନୀତି ଚଳଚଞ୍ଚଳ ହେବାରେ ଲାଗିଛି । ତିନି ପ୍ରମୁଖ ରାଜନେତିକ ଦଳ ଆମ୍ ଆଦମୀ ପାର୍ଟି, କଂଗ୍ରେସ ଓ ବିଜେପି ସେମାନଙ୍କ ପ୍ରଚାର ଅଭିଯାନ ଆରମ୍ଭ କରିବାକୁ ପ୍ରୟାସ ଆରମ୍ଭ କରିଦେଲେଣି । ଶାସକ ଦଳ ଆପ୍ ଫେବ୍ରୁଆରି ୧୬ରେ ମୋଗାର କିଲି ଚହଲନଠାରେ ନିଶାମୁକ୍ତି ଅଭିଯାନ କରିଥିଲା । କଂଗ୍ରେସ ଓ ବିଜେପି ଖୁବ୍ ଶୀଘ୍ର ସେମାନଙ୍କ ପ୍ରଚାର ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି । ଦଳୀୟ ସୂତ୍ର ଅନୁଯାୟୀ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଫେବ୍ରୁଆରି ୨୮ରେ ବର୍ନାଲାରେ ଏକ ରାଲିକୁ ସମ୍ବୋଧିତ କରିବେ । ବିଜେପି ମାର୍ଚ୍ଚରେ ଏହାର ଅଭିଯାନ ଆରମ୍ଭ କରିବ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବିଜେପି ରାଲିକୁ ସମ୍ବୋଧିତ କରିବେ । ବିଜେପି ଶିରୋମଣି ଅକାଳି ଦଳ ସହିତ ମିଶି ପଞ୍ଜାବରେ ଏହାର ସ୍ଥିତି ମଜଭୁତ କରିବାକୁ ଲକ୍ଷ୍ୟ ରଖିଛି । ଶିରୋମଣି ଅକାଳି ଦଳ କାଡିଆନରେ ‘ପଞ୍ଜାବ ବଚାଅ, ସୁଖବୀର ସିଂହ ବାଦଲ ଲିଆଓ’ ଅଭିଯାନ କରି ଏହାର ପ୍ରଚାର ଆରମ୍ଭ କରିସାରିଥିଲା। ଏପ୍ରିଲ ୧୩ରେ ଏହା ଆଉ ଏକ ରାଲି କରିବାକୁ ଯାଉଛି । ଗତବର୍ଷ ବନ୍ୟା ଯୋଗୁଁ ଏହି ରାଲି ବାତିଲ କରାଯାଇଥିଲା । ଆସନ୍ତା ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟି ହର୍ଦିଆଲ ସିଂହ କମ୍ବୋଜଙ୍କୁ ବର୍ନାଲା ଜିଲ୍ଲା ପ୍ରଭାରୀ ନିଯୁକ୍ତ କରିଛନ୍ତି । ଏଠାରୁ ରାହୁଲ ଗାନ୍ଧୀ ତାଙ୍କ ରାଲି କରିବାକୁ ଥିବାବେଳେ ରାଜ୍ୟର ସମସ୍ତ ପ୍ରମୁଖ ନେତାଙ୍କୁ ଉପସ୍ଥିତ ରହିବାକୁ ପଞ୍ଜାବ କଂଗ୍ରେସ ସଭାପତି ତଥା ଲୁଧିଆନା ସାଂସଦ ଅମରିନ୍ଦର ସିଂହ ରାଜା ୱାରିଂ ନିର୍ଦ୍ଦେଶ ଦେଇଛନ୍ତି । ପଞ୍ଜାବର ବିଗୁଡ଼ିଥିବା ଆଇନ କାନୁନ ବ୍ୟବସ୍ଥାଠାରୁ ଆରମ୍ଭ କରି ଏମ୍ଜିଏନ୍ଆର୍ଇଜିଏ ଯୋଜନା ଓ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଓ କୃଷକଙ୍କ ଉପରେ ଏହାର ପ୍ରଭାବ ଉପରେ ଏହି ରାଲିରେ ରାହୁଲ ଉଦ୍ବୋଧନ ଦେବେ । ବର୍ନାଲାର ମଣ୍ଡିଠାରେ ରାଲି କରିବାକୁ ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ।

# ଭାରତକୁ ମିଳିବ ପ୍ରଥମ ଏୟାର ଟ୍ୟାକ୍ସି

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):**ଟ୍ରାଫିକ୍ ଜାମରେ ଫସି ରହୁଥିବା ଯାତ୍ରୀଙ୍କ ପାଇଁ ଖୁସି ଖବର । ଉଡ଼ି ଉଡ଼ି ମିନିଟକରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବେ ଯାତ୍ରୀ । ବିଦେଶରେ ନୁହେଁ, ଭାରତରେ ମିଳିବ ଏହି ସୁବିଧା । ଏଣିକି ରିକ୍ସା-ଅଟୋ ବଦଳରେ ଏୟାର ଟ୍ୟାକ୍ସି ବ୍ୟବହାର କରିବେ ଯାତ୍ରୀ । ୮ ମିନଟରେ ଅତିକ୍ରମ କରିବ ୩୬ କିମି । ଅର୍ଥାତ ଆଖି ବନ୍ଦ କରି ଖୋଲୁ ଖୋଲୁ ପହଞ୍ଚିଯିବେ । ଏବେ ଭାରତରେ ବାସ୍ତବତାର ରୂପ ନେବାକୁ ଯାଉଛି ‘ଉଡ଼ନ୍ତା ଟ୍ୟାକ୍ସି’ । ଭାରତ ମିଳିବ ତା’ର ପ୍ରଥମ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏୟାର୍ ଟ୍ୟାକ୍ସି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହାର ସମସ୍ତ ଗୁରୁତ୍ୱପୂର୍ଣ୍ଣ ପାର୍ଟ୍ସ ଯେପରିକି ଏୟାରଫ୍ରେମ୍ ଏବଂ ପ୍ରୋପେଲର ସମ୍ପୂର୍ଣ୍ଣ ଭାବେ ଭାରତରେ ପ୍ରସ୍ତୁତ କରାଯାଇଛି । ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଅନୁଷ୍ଠିତ ‘ଇଣ୍ଡିଆ AI ଇମ୍ପାକ୍ଟ ସମିଟ୍ ୨୦୨୬’ରେ ଏହି ଅତ୍ୟାଧୁନିକ e-VTOL (ଇଲେକ୍ଟ୍ରିକ୍ ଭର୍ଟିକାଲ୍ ଟେକ୍-ଅଫ୍ ଆ।ଣ୍ଡ୍ ଲ୍ୟାଣ୍ଡିଂ) ବିମାନକୁ ପ୍ରଦର୍ଶନ କରାଯାଇଛି । ଚେନ୍ନାଇର ଷ୍ଟାର୍ଟଅପ୍ କମ୍ପାନୀ ‘ଦି ଇ-ପ୍ଲେନ୍ କମ୍ପାନୀ’ (The କମ୍ପାନୀର ଦାବି ଅନୁଯାୟୀ, ବେଙ୍ଗାଲୁରୁ ଭଳି ବ୍ୟସ୍ତବହୁଳ ସହରରେ ଯେଉଁ ୩୬ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ସାଧାରଣତଃ ୨ ଘଣ୍ଟା ସମୟ ଲାଗେ, ଏହି ଏୟାର୍ ଟ୍ୟାକ୍ସି ସେହି ଦୂରତାକୁ ମାତ୍ର ୮ ମିନିଟ୍ରେ ଅତିକ୍ରମ କରିପାରିବ । ସଡ଼କ ପଥରେ ଏଥିପାଇଁ ହଜାରେ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏୟାର୍ ଟ୍ୟାକ୍ସିରେ ଏହାର ଭଡ଼ା ପ୍ରାୟ ୧,୭୦୦ ଟଙ୍କା ରହିବ । କମ୍ପାନୀ ପ୍ରଥମେ ୨୦୨୭ ସେପ୍ଟେମ୍ବର-ଅକ୍ଟୋବର ସୁଦ୍ଧା ଏୟାର୍ ଆମ୍ବୁଲାନ୍ସ ସେବା ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି । ଏହାପରେ ବ୍ୟବସାୟିକ ଭାବେ ଏୟାର ଟ୍ୟାକ୍ସି ସେବା ଆରମ୍ଭ କରାଯିବ । ପ୍ରଥମ ପର୍ଯ୍ୟାୟରେ ବେଙ୍ଗାଲୁରୁ, ଚେନ୍ନାଇ, ପୁଣେ, ମୁମ୍ବାଇ ଏବଂ ଅହମ୍ମଦାବାଦ ଭଳି ସହରରେ ଏହି ସେବା ଉପଲବ୍ଧ ହେବ । ବର୍ତ୍ତମାନ ଏଥିରେ ପାଇଲଟଙ୍କ ସହ ୩ ଜଣ ବସିବା ପାଇଁ ବ୍ୟବସ୍ଥା ଥିବାବେଳେ ଭବିଷ୍ୟତରେ ଏହାକୁ ୧୯ ସିଟ୍ ପର୍ଯ୍ୟନ୍ତ ବୃଦ୍ଧି କରାଯିବ ।

# ପୁରୁଷ ନୁହେଁ, ମୋତେ ମହିଳା ପସନ୍ଦ


**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ବଡ଼ ଘୋଷଣା କରି ଚର୍ଚ୍ଚାକୁ ଆସିଛନ୍ତି । ୱାଶିଂଟନରେ ଆୟୋଜିତ ‘ବୋର୍ଡ ଅଫ୍ ପିସ୍’ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଟ୍ରମ୍ପ ଗାଜାର ପୁନର୍ନିର୍ମାଣ ପାଇଁ ୧୦ ବିଲିୟନ ଡଲାରର ସହାୟତା ରାଶି ଘୋଷଣା କରିଛନ୍ତି । କିନ୍ତୁ, ଏହି ଗମ୍ଭୀର ଆଲୋଚନା ମଧ୍ୟରେ ଟ୍ରମ୍ପଙ୍କ ଏକ ମଜାଦାର ବୟାନ ସଭାରେ ଉପସ୍ଥିତ ସମସ୍ତଙ୍କୁ ହସାଇ ହସାଇ ବେଦମ୍ କରିଦେଇଥିଲା ।



କାର୍ଯ୍ୟକ୍ରମରେ ପରାଗୁଏର ରାଷ୍ଟ୍ରପତି ସାଣ୍ଟିଆଗୋ ପେନାଙ୍କୁ ସ୍ୱାଗତ କରିବା ସମୟରେ ଟ୍ରମ୍ପ ତାଙ୍କର ପ୍ରଶଂସା କରି କହିଥିଲେ, ଯୁବକ ଏବଂ ହ୍ୟାଣ୍ଡସମ୍ ହେବା ଭଲ କଥା । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆମେ ଆପଣଙ୍କୁ ପସନ୍ଦ କରିବୁ । ସତ କହିବାକୁ ଗଲେ ମୋତେ ଯୁବକ ବା ହ୍ୟାଣ୍ଡସମ୍ ପୁରୁଷ ପସନ୍ଦ ନୁହଁନ୍ତି, ମୁଁ କେବଳ ମହିଳାମାନଙ୍କୁ ପସନ୍ଦ କରେ । ପୁରୁଷଙ୍କ ପ୍ରତି ମୋର କୌଣସି ଆଗ୍ରହ ନାହିଁ । ୪୭ ବର୍ଷୀୟ ସାଣ୍ଟିଆଗୋ ପେନା ପରାଗୁଏର ସବୁଠାରୁ କମ୍ ବୟସ୍କ ରାଷ୍ଟ୍ରପତି । ସେ ଜଣେ ଅର୍ଥଶାସ୍ତ୍ରୀ ଏବଂ ପୂର୍ବତନ ଅର୍ଥମନ୍ତ୍ରୀ ମଧ୍ୟ ରହିଛନ୍ତି । ଟ୍ରମ୍ପ ଘୋଷଣା କରିଛନ୍ତି ଯେ, ଗାଜାରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ପାଇଁ ଆମେରିକା ୧୦ ବିଲିୟନ ଡଲାର ପ୍ରଦାନ କରିବ । ଏଥିସହିତ କତାର, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟ ୧-୧ ବିଲିୟନ ଡଲାର ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲାଇନ୍ ଲେଭିଟ୍ଙ୍କ ସୂଚନା ଅନୁସାରେ, ଏପର୍ଯ୍ୟନ୍ତ ମୋଟ ୬.୫ ବିଲିୟନ ଡଲାରରୁ ଅଧିକ ସହାୟତା ମିଳିସାରିଛି । ପୂର୍ବରୁ ଥିବା ‘ୟୁନାଇଟେଡ୍ ଷ୍ଟେଟ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ପିସ୍’କୁ ଟ୍ରମ୍ପ ପ୍ରଶାସନ ଏକ ନୂଆ ରୂପ ଦେଇ ‘ବୋର୍ଡ ଅଫ୍ ପିସ୍’ ଭାବେ ଗଠନ କରିଛି । ଏହି ବୋର୍ଡରେ ରାଷ୍ଟ୍ରପତିଙ୍କ ପାଖରେ ’ଭିଟୋ’ କ୍ଷମତା ରହିବ ଏବଂ ପଦ ଛାଡ଼ିବା ପରେ ମଧ୍ୟ ଟ୍ରମ୍ପ ଏହାର ମୁଖ୍ୟ ରହିପାରିବେ । ଯେଉଁ ଦେଶଗୁଡ଼ିକ ଏହି ବୋର୍ଡର ସ୍ଥାୟୀ ସଦସ୍ୟ ହେବାକୁ ଚାହୁଁଛନ୍ତି, ସେମାନଙ୍କୁ ୧ ବିଲିୟନ ଡଲାର ଅବଦାନ ଦେବାକୁ ପଡ଼ିବ । ଏହି ସମ୍ପୂର୍ଣ୍ଣ ଯୋଜନା ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧ ବିରତି ପାଇଁ ହୋଇଥିବା ଚୁକ୍ତି ପରେ ଆ।ରମ୍ଭ କରାଯାଇଛି, ଯେଉଁଥିରେ ଗାଜାର ପୁନର୍ନିର୍ମା।ଣ ସହ ହମାସର ନିରସ୍ତ୍ରୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି ।

# ଆମେରିକାରେ ଭାରତୀୟ ଟ୍ରକ୍ ଡ୍ରାଇଭର ଗିରଫ


**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):** ଆମେରିକାର ଇଣ୍ଡିଆନା ରାଜ୍ୟର ହେଣ୍ଡ୍ରିକ୍ସ କାଉଣ୍ଟିରେ ଜଣେ ୨୫ ବର୍ଷୀୟ ଭାରତୀୟ ଟ୍ରକ୍ ଡ୍ରାଇଭର ସୁଖଦୀପ ସିଂହଙ୍କୁ ଟ୍ରାଫିକ୍ ସିଗନାଲ ଭଙ୍ଗ କରିବା, ତିନୋଟି ଗାଡ଼ିକୁ ଧକ୍କା ହେବା ଓ ଜଣେ ୬୪ ବର୍ଷିୟ ବ୍ୟକ୍ତିଙ୍କ ମୃତ୍ୟୁ ଅଭିଯୋଗରେ ଗିରଫ କରାଯାଇଛି । ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ସେ ବର୍ତ୍ତମାନ ଆମେରିକୀୟ ଇମିଗ୍ରେସନ ଏଜେନ୍ସି (ଆଇସିଇ) ର ହେପାଜତରେ ଅଛନ୍ତି । ତାଙ୍କ ଉପରେ ବେପରୁଆ ଗାଡ଼ି ଚଲାଇ କେବଳ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟାଇବା ନୁହେଁ, ବରଂ ବିନା କା।ଗଜପତ୍ରରେ ଅବୈଧ ଭାବରେ ଆ।ମେରିକାରେ ରହିବାର ମଧ୍ୟ ଅଭିଯୋଗ ଅଛି ।



ଫକ୍ସ ନ୍ୟୁଜର ଏକ ରିପୋର୍ଟ ଆଧାରରେ, ଗତ ବୁଧବାର ସୁଖଦୀପ ସିଂହ ରେଡ୍ ଲାଇଟ୍ ସତ୍ତ୍ୱେ ଟ୍ରାଫିକରେ ଅଟକିନଥିଲେ । ରାସ୍ତା ପାର ସମୟରେ ଏକ ପିକ୍-ଅପ୍ ଭ୍ୟାନକୁ ଧକ୍କା ଦେଇଥିଲେ ପରେ ଏକ ଇଲେକ୍ଟ୍ରିକ୍ ଟ୍ରକ୍ ସମେତ ଆଉ ଏକ ଗାଡ଼ିକୁ ଧକ୍କା ଦେଇଥିଲେ । ଏହି ଦୁର୍ଘଟଣାରେ ପିକ୍-ଅପ୍ ଭ୍ୟାନର ୬୪ବର୍ଷିୟ ଚାଳକ ଟେରି ସ୍କଟଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ସୂଚନା ଅନୁଯାୟୀ, ୨୦୧୮ ମସିହାରେ ସୁଖଦୀପ ସିଂହ ଆମେରିକା ସୀମା ପାର କରୁଥିବା ସମୟରେ ଧରାପଡ଼ିଥିଲେ । ସେତେବେଳେ ସେ ନାବାଳକ ଥିବାରୁ ତାଙ୍କୁ ଛାଡି ଦିଆଯାଇଥିଲା ।ପରେ ସେ ୨୦୨୫ ମେ’ ମାସରେ ଏକ କମର୍ସିଆଲ୍ ଡ୍ରାଇଭିଂ ଲାଇସେନ୍ସ ପାଇଥିଲେ, ଏବଂ ଅବୈଦ୍ଧ ଭାବେ ଆମେରିକାରେ ରହିଆସୁଥିଲେ ।

# ବୁଝାମଣା ପାଇଁ ଇରାନକୁ ୧୦ ଦିନ ସମୟ ଦେଲା ଆମେରିକା

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):**ଆ।ମେରିକା ଓ ଇରାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଆମେରିକା ସହିତ ବୁଝାମଣା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ୧୦ ରୁ ୧୫ ଦିନର ମହଲତ ଦେଇଛନ୍ତି । ଏହି ସମୟ ମଧ୍ୟରେ ଇରାନ ଆମେରିକା ସହିତ ବୁଝାମଣା ନକଲେ ୱାସିଂଟନ ତେହେରାନ ଉପରେ ଆକ୍ରମଣ କରିବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି । ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ଦୁଇ ଦେଶ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଥିବାବେଳେ କେଣସି ବୁଝାମଣା ହୋଇପାରିନାହିଁ । ଅନ୍ୟପକ୍ଷରେ ଗୁରୁବାର ୱାସିଂଟନଠାରେ ଗାଜା ଶାନ୍ତି ବୋର୍ଡ଼ ବୈଠକର ଉଦଘାଟନୀ କାର୍ଯ୍ୟକ୍ରମରେ ଟ୍ରମ୍ପ କହିଥିଲେ, ଗତ ବର୍ଷ ଜୁନ୍ ମାସରେ ଇରାନ ବିରୋଧରେ ଇସ୍ରାଏଲ-ଆମେରିକା ମିଳିତ ଆ।କ୍ରମଣ ଗା।ଜା।ରେ ଅସ୍ତ୍ରବିରତି ପାଇଁ ପଥ



ପ୍ରଶସ୍ତ କରିଥିଲା । ଟ୍ରମ୍ପ ଯୁକ୍ତି ଦେଇଥିଲେ ଯେ, ଇରାନର ପରମାଣୁ ପ୍ରତିଷ୍ଠାନ ଉପରେ ଆମେରିକାର ଆକ୍ରମଣ ବିନା, ମଧ୍ୟପ୍ରାଚ୍ୟର ଦେଶଗୁଡ଼ିକ ଶାନ୍ତି ଆଲୋଚନା ପାଇଁ ରାଜି ହେଇ ନଥାନ୍ତେ । ଏବେ ଆମକୁ ଏହାକୁ ଆଉ ଏକ ପାଦ ଆଗକୁ ଯିବାକୁ ପଡ଼ିପାରେ ବୋଲି ଟ୍ରମ୍ପ କହିଥିଲେ । ଆଗାମୀ ୧୦ ଦିନ ଭିତରେ ଇରାନ ସହିତ ଚୁକ୍ତି ହେବ ନା ନାହିଁ ତାହା ଜଣାପଡ଼ିଯିବ ବୋଲି ଟ୍ରମ୍ପ କହିଛନ୍ତି । ଆମେରିକା ଏବଂ ଇରାନ ଦ୍ୱିତୀୟ ପର୍ଯ୍ୟାୟ ପରୋକ୍ଷ ଆଲୋଚନା କରିବାର କିଛି ଘଣ୍ଟା ପରେ ଟ୍ରମ୍ପଙ୍କ ମନ୍ତବ୍ୟ ଆସିଛି । ଉଭୟ ପକ୍ଷ ଜେନେଭାରେ ଆଲୋଚନାରେ ଭଲ ଅଗ୍ରଗତି କରିଛନ୍ତି ଏବଂ ଏକ ଚୁକ୍ତି ପାଇଁ ଧାର୍ଯ୍ୟ ନୀତିର କିଛି ପଏଣ୍ଟ ଉପରେ ବ୍ୟାପକ ସହମତିରେ ପହଞ୍ଚିପାରିଛନ୍ତି ବୋଲି ବୁଧବାର ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଅରାଘଚି କହିଥିଲେ । ଶାନ୍ତି ଆଲୋଚନା ମଧ୍ୟରେ ଆମେରିକା ଉପସାଗରୀୟ ଅଞ୍ଚଳରେ ଏହାର ସାମରିକ ଶକ୍ତି ବୃଦ୍ଧି କରି ଚାଲିଛି, ଯେଉଁଥିରେ ଦୁଇଟି ବିମାନ ବାହକ ଏବଂ ଡଜନ ଡଜନ ଲଢୁଆ ବିମାନ ଅନ୍ତର୍ଭୁକ୍ତ । ଅନ୍ୟପକ୍ଷରେ ଇରାନ ପରମାଣୁ ଅସ୍ତ୍ର ପ୍ରସ୍ତୁତ କରୁ ନଥିବା କହିଛି । ଏହାସହିତ ନିଜର ୟୁରାନିୟମ ସମୃଦ୍ଧିକୁ ରୋକିବା ଏବଂ ଏହାକୁ କଠୋର ଅନ୍ତର୍ଜାତୀୟ ଯାଞ୍ଚ ଅଧୀନରେ ଆଣିବାକୁ ରାଜି ହେବ ବୋଲି କହିଛି । ଟ୍ରମ୍ପ ପ୍ରଶାସନ ତେହେରାନର କ୍ଷେପଣାସ୍ତ୍ର ଅସ୍ତ୍ରାଗାରକୁ ନିୟନ୍ତ୍ରିତ କରିବାକୁ ଚେଷ୍ଟା କରୁଥିବାବେଳେ ଇରାନ ଅଧିକାରୀମାନେ ଏହି ପ୍ରସଙ୍ଗରେ ହସ୍ତକ୍ଷେପକୁ ବିରୋଧ କରୁଛନ୍ତି ।

# ୱାସିଂଟନକୁ ନିଜ ବାୟୁସେନା ଘାଟି ବ୍ୟବହାର କରିବାକୁ ଅନୁମତି ଦେଲାନାହିଁ ବ୍ରିଟେନ

**ନୂଆଦିଲ୍ଲୀ,୨୦୧୨(ଏଜେନ୍ସି):**ଇରାନକୁ ବିଭିନ୍ନ ଦିଗରୁ ଆକ୍ରମଣ କରିବା ଯୋଜନାରେ ଆମେରିକା ମଧ୍ୟପ୍ରାଚ୍ୟରେ ଏହାର ସାମରିକ ଶକ୍ତି ବୃଦ୍ଧି କରୁଥିବାବେଳେ ବ୍ରିଟେନର ଦକ୍ଷିଣ ଭାଗର ସ୍ୱିଣ୍ଡନ ନିକଟରେ ଥିବା ବାୟୁସେନା ଘାଟିକୁ ଏଥିପାଇଁ ବ୍ୟବହାର କରିବାକୁ ଚାହୁଁଥିଲା । କିନ୍ତୁ ଇରାନ ଉପରେ ଆଗୁଆ ଆକ୍ରମଣ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ହେବ ବୋଲି କହି ବ୍ରିଟିଶ ସରକାର ଆମେରିକାର ଅନୁରୋଧକୁ ସ୍ୱୀକାର କରିବାକୁ ମନା କରିଦେଇଛନ୍ତି । ବ୍ରିଟେନ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମରଙ୍କ ସରକାର ଆର୍ଏଏଫ୍ ଫେୟାରଫୋର୍ଡରୁ ଆମେରିକୀୟ ଦୂରଗାମୀ ବୋମା ମାଡ଼ ଅଭିଯାନକୁ ଅନୁମତି ଦେବାକୁ ମନା କରିଦେଇଥିବା ବିବିସି ପକ୍ଷରୁ କୁହାଯାଇଛି । ଇରାନ ନିକଟରେ ଆ।ମେରିକା ଏକ ବିଶାଳ ସାମରିକ ବାହିନୀ ଗଠନ କରୁଥିବା ପୃଷ୍ଠଭୂମିରେ ଏହି ରିପୋର୍ଟ କରାଯାଇଛି । ଆମେରିକାର ଜୋରଦାର ପ୍ରସ୍ତୁତି ମଧ୍ୟପ୍ରାଚ୍ୟରେ ସାମରିକ ସଂଘର୍ଷର ଆଶଙ୍କା ବୃଦ୍ଧି କରିଛି । ବ୍ରିଟେନର ଏହି ନିଷ୍ପତ୍ତି ଆମେରିକା ସହିତ ଏହାର ସମ୍ପର୍କକୁ ଅଧିକ ଖରାପ କରିପାରେ । ଭାରତ ମହାସାଗରରେ ଥିବା ଚାଗୋସ୍ ଦ୍ୱୀପପୁଞ୍ଜକୁ ବ୍ରିଟେନ ମରିସସକୁ ହସ୍ତାନ୍ତର କରିବା ପାଇଁ ଏକ ଚୁକ୍ତି କରିବାକୁ ନେଇ ଦୁଇ ରାଷ୍ଟ୍ର ମଧ୍ୟରେ ସମ୍ପର୍କ ପୂର୍ବରୁ ତିକ୍ତ ହୋଇସାରିଛି । ଆମେରିକା ଏହି ଚୁକ୍ତିକୁ ବିରୋଧ କରୁଛି । ଚାଗୋସ୍ ଦ୍ୱୀପପୁଞ୍ଜର ଡିଏଗୋ ଗାର୍ସିଆରେ ଏକ ସାମରିକ ଘାଟି କହିଛି ଯାହା ମଧ୍ୟପ୍ରାଚ୍ୟରେ ଦୀର୍ଘ ଦୂରଗାମୀ ଅଭିଯାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବ୍ରିଟେନର ଯୁକ୍ତିକୁ ତୀବ୍ର ନିନ୍ଦା କରିଛନ୍ତି ଓ ଚାଗୋସ୍ ଦ୍ୱୀପପୁଞ୍ଜର ନିୟନ୍ତ୍ରଣ ଛାଡିବା ବିରୋଧରେ କଡ଼ା ଚେତାବନୀ ଦେଇଛନ୍ତି । ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆ।ଲରେ ଲେଖିଛନ୍ତି ଯେ, ଆମେରିକାକୁ ଆର୍ଏଏଫ୍ ଘାଟି ବ୍ୟବହାର କରିବା ପାଇଁ ବ୍ରିଟେନର ଅନୁମୋଦନ ଆବଶ୍ୟକ ଥିବାବେଳେ ଡିଏଗୋ ଗାର୍ସିଆ।କୁ ବ୍ୟବହାର କରିବାକୁ କେବଳ ବିଦ୍ୟମାନ ଚୁକ୍ତି ଅନୁଯାୟୀ ବ୍ରିଟେନକୁ ସୂଚନା ଦେବାକୁ ପଡିବ ।



## ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ମୋହନା, ୨୦।୨ (ନି.ପ୍ର): ଗଜପତି ଜିଲା ମୋହନା ଥାନାରେ ନୂତନ ଥାନା ଅଧିକାରୀ ଭାବେ ଓମ ନାରାୟଣ ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତିୟ ପୂର୍ବରୁ ରହିଥିବା ଥାନା ଅଧିକାରୀ ବସନ୍ତ ସେଠୀଙ୍କୁ ଗୁରାଣ୍ଡି ଥାନାକୁ ବଦଳି ହୋଇଛି।



ପାତ୍ର ଗଞ୍ଜାମ ଜିଲା ଖଲିକୋଟ, କୋଦଳା, ପୁରୁଷୋତ୍ତମପୁର, ଜଗନ୍ନାଥ ପ୍ରସାଦ, ବଡ଼ଗଡ଼ ଅଞ୍ଚଳରେ କାର୍ଯ୍ୟ କରଛନ୍ତି। ସେ ଗତ ଏକ ବର୍ଷ ତଳେ ଗଜପତି ଜିଲାର ଗୁରାଣ୍ଡି ଥାନାକୁ ବଦଳି ହୋଇ ଆସିଥିଲେ। ପାତ୍ର ଲୋକଙ୍କୁ ଉଚିତ ନ୍ୟାୟ ପ୍ରଦାନ କରି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ କାର୍ଯ୍ୟ କରିବେ ବୋଲି ଲୋକେ ଆଶା ରଖିଛନ୍ତି।

## ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

କଟକ, ୨୦।୨ (ନି.ପ୍ର): କଟକ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗତ ବୈଠକରେ ସଡକ ସୁରକ୍ଷା ନିମନ୍ତେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟାନୁଷ୍ଠାନର ନିଷ୍ପତ୍ତି ଅନୁଯାୟୀ ଅଗ୍ରଗତି ଏବଂ ନୂତନ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ବିଶ୍ୱଜିତ ଦାଶ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ। ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଧାର୍ଯ୍ୟ କାର୍ଯ୍ୟାନୁଷ୍ଠାନ ଅନୁପାଳନ ଉପରେ ବିବୃତି ରଖିବାକୁ କହିବା ସହ ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟ ଗୁଡିକ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଦିଗରେ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ମଙ୍ଗୁଳି ଠାରେ ଦୁର୍ଘଟଣା ଏଡାଇବାକୁ ରାସ୍ତାରେ କ୍ରାସ୍ ବ୍ୟାରିଅରର ଉଚ୍ଚତା ବୃଦ୍ଧି କରିବା ସହ




କ୍ରାସ୍ ବ୍ୟାରିଅର ପରିବର୍ତ୍ତେ କଣ୍ଟା ଜାତୀୟ ଫୁଲ ଗଛ ଲଗାଇବାକୁ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। କଟକ ନେତାଜୀ ବସ୍ ଷ୍ଟାଣ୍ଡ ନିକଟରେ ବସ ରଖିବା ନିଷେଧ'' ବୋର୍ଡ ଲଗାଇବା ଏବଂ ନୂତନ ପାର୍କିଂ ସ୍ଥାନ ଚିହ୍ନଟ କରିବା ନେଇ ଆରକ୍ଷୀ ଅଧୀକ୍ଷକ ଟ୍ରାଫିକ୍ ଓ ଆଞ୍ଚଳିକ ପରିବହନ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ସ୍ଥାନରେ ଜେବ୍ରା କ୍ରସିଙ୍ଗ ରଙ୍ଗ କରିବା ଓ ଅନଧିକୃତ ହମ୍ପସ୍, ରମ୍ବଲର୍ସ ଅପସାରଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖରାପ ଅବସ୍ଥାରେ ଥିବା ଟ୍ରାଫିକ୍ ପୋଷ୍ଟ ଗୁଡିକର ନବୀକରଣ ଓ ଟ୍ରାଫିକ୍ ନିକଟରେ ସ୍ଥାୟୀ ଶୌଚଳୟ ନିର୍ମାଣ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ବାଲିଘାଟ ନିକଟରେ ବାଲି ଅପସାରଣ ସମୟରେ ଅତ୍ୟଧିକ ବାଲି ବୋଝେଇ ଗାଡି ଗୁଡିକ ୪୦ହଜାର ଟଙ୍କାର ଜୋରିମାନା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ହୋଇଥିବା ଉଚ୍ଛେଦ ସ୍ଥାନରେ ପୁନର୍ବାର ଜବରଦଖଲ ନେଇ ନିୟମିତଭାବେ ସମୀକ୍ଷା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ଅବରୋଧ କରୁଥିବା ବ୍ୟବସାୟୀଙ୍କୁ ଅପସାରଣ କରି ଦୁର୍ଘଟଣାକୁ ଆହୁରି ହ୍ରାସ କରାଯାଇପାରିବ ବୋଲି ମତାପ୍ରକାଶ ପାଇଥିଲା। ଅମାନିଆ। ଗାଡିଚାଳକ, ମଦ୍ୟପାନ କରି ଗାଡିଚଳାଉଥିବା ଚାଳକମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରପ୍ରାପ୍ତ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶଥାଉକି ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ସଡକ ଦୁର୍ଘଟଣା ଅପେକ୍ଷାକୃତ ଭାବେ ହ୍ରାସ ପାଇଛି। ସେହିପରି ନିୟମ ଭଙ୍ଗକାରୀ ଚାଳକଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପୂର୍ବବର୍ଷ ଜାନୁୟାରୀରେ ୨୭୯ ଥିବାବେଳେ ଚଳିତବର୍ଷ ୪୦୦ କୁ ବୃଦ୍ଧିପାଇଛି। ଏଥିସହ ଚଳିତବର୍ଷ ଜାନୁୟାରୀ ମାସରେ ୫ ଲକ୍ଷ ୯୦ ହଜାର ଟଙ୍କାର ଜୋରିମାନା ଆଦାୟ କରାଯାଇଛି। ବୈଠକରେ କଟକ ଜିଲ୍ଲା ବସ ମାଲିକ ସଂଘ ଏବଂ ଟ୍ରକ ମାଲିକ ସଂଘର କର୍ମକର୍ତ୍ତାମାନେ ଭାଗନେଇ ଆଲୋଚନାରେ ଅଂଶଗ୍ରହଣ ପୂର୍ବକ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ବୈଠକରେ ନିଆଯାଉଥିବା ନିଷ୍ପତ୍ତି ଗୁଡିକୁ ତ୍ୱରିତ କାର୍ଯ୍ୟକାରୀ କରିବା ଦିଗରେ ଜିଲ୍ଲାପାଳ ଗୁରୁ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଉପଆୟୁକ୍ତ ପୁଲିସ କମିଶନରେଟ୍ ଶ୍ରୀ ଅମରେନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଡଃ. ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ସହକାରୀ ଆୟୁକ୍ତ ଟ୍ରାଫିକ ଶ୍ରୀ ଜୟନ୍ତ କୁମାର ଡ଼ୋରା ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## କାମରେ ଆସୁନି ବନ ସୁରକ୍ଷା ସମିତି ଗୃହ

ଖଣ୍ଡପଡ଼ା, ୨୦/୧ (ନିପ୍ର): ଜଙ୍ଗଲର ସୁରକ୍ଷା ପାଇଁ ବନ ସୁରକ୍ଷା ସମିତି ଅଧିନରେ ରାଜ୍ୟରେ ପ୍ରାୟ ୧୦ ହଜାର ଗୃହ ନିର୍ମାଣ ନିମନ୍ତେ ୨୦୨୩ରେ ସରକାର ନିଷ୍ପତ୍ତି ନେଇଥିଲେ। ବନ ସୁରକ୍ଷା ସମିତି ଗୃହ ଗାଁରେ ଏକ ଅନୁଷ୍ଠାନ ଭାବେ ବିବେଚିତ ହେବା ସହିତ ଶିକାରୀ ଓ ମାଫିଆଙ୍କ କବଳରୁ ଜଙ୍ଗଲକୁ ରକ୍ଷା କରିବ ବୋଲି



ଆଶା ପ୍ରକାଶ ପାଇଥିଲା। ମାତ୍ର ଖଣ୍ଡପଡ଼ା ବ୍ଲକରେ ଏକାଧିକ ବନ ସୁରକ୍ଷା ସମିତି ଗୃହ ନିର୍ମାଣ ହୋଇଥିଲେ ମଧ୍ୟ ଏବେ ଏହା ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଭଳି ଅଭାବନୀ। ଦୃଶ୍ୟ ଦେଖିବାକୁ ମିଳିଛି। ଫଳରେ ଜଙ୍ଗଲ ସୁରକ୍ଷା ଦିଗରେ ସରକାରଙ୍କ ଉଦ୍ୟମ ପାଣିରେ ପଡିବା ସଦୃଶ ହୋଇଥିବା ସ୍ଥାନୀୟ ବାସିନ୍ଦା କୁହନ୍ତିୟ ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡପଡ଼ା ବ୍ଲକରେ ଏଭଳି ଏକାଧିକ ବନ ସୁରକ୍ଷା ସମିତି ଗୃହ ନିର୍ମାଣ ହୋଇଥିବା ବେଳେ ଏଗୁଡିକ କାମରେ ଆସୁନଥିବା ଦେଖିବାକୁ ମିଳିଛି। ସିଙ୍ଗପଡ଼ା ପଞ୍ଚାୟତ ଅଧୀନ ଦଉପୋଖରୀ ଗ୍ରାମରେ ଗତ ପ୍ରାୟ ବର୍ଷେ ହେବ ଏହା ନିର୍ମାଣ ସରିଥିବା ବେଳେ ପରିତ୍ୟକ୍ତ ଅବସ୍ଥାକୁ ଗତି କରୁଥିବା ଦେଖିବାକୁ ମିଳିଛି। ବ୍ଲକର ଏକାଧିକ ସ୍ଥାନରେ ଘର ନିର୍ମାଣ ପରେ ପଞ୍ଚାୟତିରାଜ ବିଭାଗ ହସ୍ତାନ୍ତର କରିନାହିଁ, ତ ପୁଣି କେଉଁଠି ଲାଇନ, ପାଣି ଭଳି ମୌଳିକ ସୁବିଧା ବ୍ୟବସ୍ଥା ହୋଇନି। ଫଳରେ ଯୋଜନା ବାବଦରେ ସରକାରଙ୍କ ଲକ୍ଷ ଏକପ୍ରକାର ବାଟବଣା ହୋଇଥିବା ନେଇ ଦେଖିବାକୁ ମିଳିଛି। ପ୍ରତି ଗୃହ ନିର୍ମାଣ ନିମନ୍ତେ ୮ ଲକ୍ଷ ୫୦ ହଜାର ଅନୁଦାନ ରାଶି ବିନିଯୋଗ ହୋଇଥିବା ବେଳେ ଏବେ ବନ ସୁରକ୍ଷା ସମିତି ଗୃହ ପରିତ୍ୟକ୍ତ ଅବସ୍ଥାରେ ରହିବା ଲୋକଙ୍କ ଟିକସ ଅର୍ଥ ପାଣିରେ ପଡିବା ଭଳି ସ୍ଥିତି ଉପୁଜିଛି। ଅନ୍ୟପକ୍ଷରେ ବନବିଭାଗ ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି ନ ହେବା ଯୋଗୁଁ ଜଙ୍ଗଲ ସୁରକ୍ଷା ପ୍ରଭାବିତ ହେଉଥିବା ପରିବେଶବିତ କୁହନ୍ତି।

### ୨୦୨୬-୨୭ ବର୍ଷ ପାଇଁ ୩.୧୦ ଲକ୍ଷ କୋଟିର ଓଡ଼ିଶା ବଜେଟକୁ କେନ୍ଦ୍ରମନ୍ତ୍ରୀଙ୍କ ସ୍ୱାଗତ

## 'ବିକଶିତ ଓଡ଼ିଶା' ପାଇଁ କଲ୍ୟାଣକାରୀ ଓ ଦୂରଦର୍ଶୀ ବଜେଟ୍ : ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୦।୨ (ନି.ପ୍ର): ୨୦୨୬ - ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଓଡ଼ିଶା ବିଧାନସଭାରେ ପ୍ରାୟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପିତ କରିଥିବାରୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି, ଚଳିତ ବଜେଟ୍ 'ବିକଶିତ ଓଡ଼ିଶା' ପାଇଁ କଲ୍ୟାଣକାରୀ ଓ ଦୂରଦର୍ଶୀ ବଜେଟ୍। ଏହା ଓଡ଼ିଶାର ଶିକ୍ଷା, ଦକ୍ଷତା, ଶିଳ୍ପ, କୃଷି ଓ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ସହ ସବୁ ବର୍ଗର ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବ। ବଜେଟରେ ଡବଲ ଇଞ୍ଜିନ ସରକାରର ବିକାଶମୂଳକ ଦୂରଦୃଷ୍ଟିର ପ୍ରତିଫଳନ ହୋଇଛି। ଚଳିତ ବଜେଟରୁ ରାଜ୍ୟର ଗରିବ, ଚାଷୀ, ମହିଳା, ଯୁବ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ବଞ୍ଚିତ ବର୍ଗର ଲୋକମାନେ ବିଶେଷ ଭାବେ ଉପକୃତ ହେବେ। ସାମାଜିକ ସୁରକ୍ଷା ସୁନିଶ୍ଚିତ ହେବ। ଗାଁରୁ ସହର ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରର ବିକାଶ ହେବ। ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା, ଖାଦ୍ୟ ସୁରକ୍ଷା, କ୍ରୀଡ଼ା, ସାମାଜିକ ଓ ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶାର ଭବିଷ୍ୟତକୁ ସୁଦୃଢ଼ କରିବ।

ଚଳିତ ବଜେଟରେ ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ଝାରସୁଗୁଡା ଜିଲ୍ଲାରେ ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା, ପାରାଦୀପ ଓ ବଲାଙ୍ଗୀରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ୍, ଚିପିଲିମାରେ ପଶୁଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ ଏବଂ ସମ୍ବଲପୁର ଓ ବ୍ରହ୍ମପୁରରେ ୨୭୮ କୋଟି ଟଙ୍କା ବିନିଯୋଗରେ 'ବିଶ୍ୱ ଦକ୍ଷତା କେନ୍ଦ୍ର'ର ଦୁଇଟି ନୂତନ କ୍ୟାମ୍ପସ ପ୍ରତିଷ୍ଠା କରିବା ପାଇଁ ଘୋଷଣା ହୋଇଛି। ଏସସିବି, ଭିମସାର ଓ ଏମକେସିଜି ମେଡିକାଲର ପୁନଃର୍ବିକାଶ



ସହ ନୟାଗଡ଼ ଓ ଖୋର୍ଦ୍ଧା ଠାରେ ଫାର୍ମା ଓ ମେଡଟେକ୍ ପାର୍କ ସହ ଓଡ଼ିଶା ବାୟୋଟେକ୍ନୋଲୋଜି ରିସର୍ଚ୍ଚ ସେଣ୍ଟର ପ୍ରତିଷ୍ଠା କରାଯିବ। ଭିସୁଟ, ବୁର୍ଲା ଏବଂ ଓୟୁଟିଆରକୁ ବିଶ୍ୱସ୍ତରୀୟ ବୈଷୟିକ ବିଦ୍ୟାଳୟରେ ରୂପାନ୍ତରିତ କରାଯିବା ସହ ଓଡ଼ିଶା ରାଜ୍ୟ ଇନୋଭେସନ ମିଶନ ଯୁବପିଢ଼ିଙ୍କ ପାଇଁ ନୂଆ। ସୁଯୋଗ ସୃଷ୍ଟି କରିବ। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ମଡେଲରେ ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର, ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ଏବଂ ଜୟପୁର-କୋରାପୁଟ-ସୁନାବେଡାକୁ ସ୍ୱତନ୍ତ୍ର ଅର୍ଥନୈତିକ କ୍ଲଷ୍ଟର ଭାବେ ବିକଶିତ କରାଯିବ। ବୁର୍ଲା ରିଙ୍ଗ୍ ରୋଡ୍ ନିର୍ମାଣ ସହ ଜମାଦରପାଲିରେ ଏୟାରଷ୍ଟ୍ରିପକୁ ବିମାନବନ୍ଦରରେ ବିକଶିତ କରାଯିବା ସମ୍ବଲପୁରର ଗମନାଗମନ ଓ ଯୋଗାଯୋଗ ଭିତ୍ତିଭୂମିକୁ ସୁଦୃଢ଼ କରିବ। ରେୟାର୍ ଆର୍ଥ କରିଡର ଅଧୀନରେ ପଦକ୍ଷେପଗୁଡ଼ିକୁ ଆଗକୁ ବଢ଼ାଇବା ପାଇଁ ୧୦ କୋଟି ଟଙ୍କାର ଆବଣ୍ଟନ ପ୍ରସ୍ତାବ ପ୍ରଶଂସନୀୟ। ଶ୍ରୀ ପ୍ରଧାନ କହିଛନ୍ତି, ରାଜ୍ୟ ବଜେଟରେ ୧୦୦୦ କୋଟି ବ୍ୟୟରେ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ଲାଇବ୍ରେରୀ ପ୍ରତିଷ୍ଠା, ପୁରୀକୁ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବାର ନିଷ୍ପତି ପ୍ରଶଂସନୀୟ। ହୀରାକୁଦ ସମନ୍ୱିତ ପର୍ଯ୍ୟଟନର ବିକାଶ ସହ ୮୦ କୋଟି ଟଙ୍କା ବ୍ୟୟରେ ମହାନଦୀ ତଟବର୍ତ୍ତୀ ଅଞ୍ଚଳର ବିକାଶ ଜାରି ରଖିବା, 'ଓଡ଼ିଶା ହୋମ ଷ୍ଟେ ଏଷ୍ଟାବ୍ଲିସମେଣ୍ଟ ଯୋଜନା' ଓ ନୂତନ ପର୍ଯ୍ୟଟନ ଲ୍ୟାଣ୍ଡ୍ ବ୍ୟାଙ୍କ ଯୋଜନା ପର୍ଯ୍ୟଟନ କ୍ଷେତ୍ରକୁ ନୂଆ। ଗତି ପ୍ରଦାନ କରିବ। ସେହିପରି ନାନୋ ଉଦ୍ୟୋଗୀଙ୍କ ପାଇଁ 'ଉଦ୍ୟମୀ ଯୋଜନା', 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା', ଦୁର୍ଦ୍ଦଶାଜନିତ ସ୍ଥାନାନ୍ତରଣ ସମସ୍ୟାର ସମାଧାନ ପାଇଁ 'ଡାଲଖାଇ ଯୋଜନା' ଏବଂ ଖଣି ପ୍ରଭାବିତ ଅଞ୍ଚଳ ପାଇଁ 'ସିଏମ ସମ୍ପଦ ଯୋଜନା', କେନ୍ଦୁପତ୍ର ତୋଳାଳିଙ୍କ ସୁବିଧା ପାଇଁ ପ୍ରୋତ୍ସାହନ ଭଳି ଲୋକକଲ୍ୟାଣକାରୀ କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଥିବା ବେଳେ ରାଜ୍ୟ ଏଆଇ ମିଶନ ଭଳି ଯୋଜନା ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତର ୨୦୪୭ର ଲକ୍ଷ୍ୟକୁ ସାକାର କରିବ ବୋଲି ଶ୍ରୀ ପ୍ରଧାନ ଏକ୍ସରେ ମତପ୍ରକାଶ କରିଛନ୍ତି।

## ସାଇବର ଅପରାଧରେ ସମ୍ପୃକ୍ତ ଅଭିଯୋଗରେ ୨ ଗିରଫ, ଦୁଇ ଅଟକ

ଯୋଡ଼ା, ୨୦।୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ହୁଡ଼ିସାହିର ଆଶିଷ କୁମାର ଦାସ (୨୦) ପିତା- ରଞ୍ଜନ ଦାସ ଏବଂ ମାର୍କେଟ ମୁସଲିମ ବସ୍ତିର ସର୍ଫରାଜ୍ ଆଲାମ୍ (୨୧) ପିତା ସ୍ୱର୍ଗତ ମକ୍ତବ୍ ଆଲାମ୍ କୁ ସାଇବର କ୍ରାଇମ ମାମଲାରେ ଯୋଡ଼ା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବର୍ତ୍ତମାନ ସମୟରେ ଯୁବ ପିଢ଼ିକୁ ସହଜ ଉପାୟରେ ଅର୍ଥ ଉପାର୍ଜନ କରିବାର ପ୍ରଲୋଭନ ଦେଖାଇ ଦୂରଦୂରାନ୍ତ ରେ ରହି ସାଇବର ଅପରାଧି ମାନେ ଫୋନ୍ ଯୋଗେ ଯୋଗାଯୋଗ କରି ଗରିବ ନିରକ୍ଷର ଲୋକ ମାନଙ୍କ ର ବିଭିନ୍ନ ବ୍ୟାଙ୍କରେ ଖାତା ଖୋଲାଇ ତାଙ୍କର ପାସ୍ ବୁକ୍, ଏଟିମ୍ ଓ ଚେକ୍ ବୁକ୍ ନିଜ ଅକ୍ତିଆରରେ ରଖୁଥିଲେ। କଲିକତାର ସାଇବର ଅପରାଧୀ ଗୌରବ କୁମାର ର ପ୍ରରୋଚନାରେ ଆଶିଷ ଲୋକ



ମାନଙ୍କର ଆକାଉଣ୍ଟ ଖୋଲାଇ ସର୍ଫରାଜ୍ ମାଧ୍ୟମରେ ବସ୍ ରେ କଲିକତା ପଠାଉଥିଲେ। ଯାହାକି ଏହି ୨ଜଣ କଲିକତାରେ ଥିବା ବ୍ୟକ୍ତିର ପରିଚୟ ନଜାଣି ସମସ୍ତ ବ୍ୟାଙ୍କ କାଗଜ ଦେଉଥିଲେ, ଯାହା ମିୟୁଲ ଏକାଉଣ୍ଟ୍ ଭାବେ ବେବହାର ହେଉଥିଲାୟ ଏକାଉଣ୍ଟ ଧାରିଙ୍କୁ ୧୦୦୦ଦେଇ ଆଶିଷ ୬୦ରୁ ୭୦ହଜାର ନେଇ ଏହି ନେଟୱାର୍କ ଚଲାଇ ଅୟସ କରୁଥିଲା। କେନ୍ଦ୍ରୀୟ ଗୁଇନ୍ଦା ରିପୋର୍ଟ ଅନୁଯାୟୀ କେନ୍ଦୁଝର ଏସପି ଙ୍କ ନିର୍ଦ୍ଦେଶ କ୍ରମେ ଯୋଡ଼ା ଆଇଆଇସି ପ୍ରଶାନ୍ତ କୁମାର ସାମଲ ଏକ ପ୍ରେସ ମିଟ୍ କରି ଦୁଇ ଅପରାଧୀ ଙ୍କ ଠାରୁ ୪ଟି ମୋବାଇଲ୍ ଏବଂ ବ୍ୟାଙ୍କ ଆକାଉଣ୍ଟ ଜବତ କରିବା ସହିତ ଅନ୍ୟ ଦୁଇଜଣ ଆକାଉଣ୍ଟ ଧାରୀଙ୍କୁ ଅଟକ ରଖିଥିବା ସୁଚନା ଦେଇଛନ୍ତି ତତ୍ ସହିତ ମୁଖ୍ୟ ଅଭିଯୁକ୍ତ କୁ ଧରିବା ପର୍ଯ୍ୟନ୍ତ ଏହି ଅଭିଯାନ ଚାଲୁ ରହିବ ବୋଲି ଗଣମାଧ୍ୟମକୁ କହିଛନ୍ତି।

## କେନ୍ଦ୍ରାପଡାରେ ଷ୍ଟେଟବ୍ୟାଙ୍କ ପେନସନର୍ସ ସମସ୍ୟା ସମାଧାନ ବୈଠକ




କେନ୍ଦ୍ରାପଡ଼ା, ୨୦।୨ (ନି.ପ୍ର): ପାରାଦୀପସ୍ଥିତ ଷ୍ଟେଟବ୍ୟାଙ୍କ ଆଞ୍ଚଳିକ ବାଣିଜ୍ୟ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ସମ୍ମିଳନୀ କକ୍ଷରେ ଷ୍ଟେଟବ୍ୟାଙ୍କ ପେନସନର୍ସ ସମସ୍ୟା ସମାଧାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ଆଞ୍ଚଳିକ ମହାପରିଚାଳକ ପିୟୁଷରଞ୍ଜନ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆଞ୍ଚଳିକ କାର୍ଯ୍ୟାଳୟର ମାନବସମ୍ବଳ ପରିଚାଳକ ସୁଶାନ୍ତ କୁମାର ଦାସ, କେନ୍ଦ୍ରାପଡା ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖାର ମୁଖ୍ୟ ପରିଚାଳକ ଅର୍କଜ୍ୟୋତି ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଷ୍ଟେଟବ୍ୟାଙ୍କ ପେନସନର୍ସ ସଙ୍ଘ ଓଡିଶା ସର୍କଲର ଆଞ୍ଚଳିକ ସମ୍ପାଦକ ଗଣେଶ୍ୱର ମେକାପ ପେନସନର୍ସମାନଙ୍କ ବିଭିନ୍ନ ସମସ୍ୟା ବୈଠକରେ ଉପସ୍ଥାପନ କରିଥିଲେ। କେନ୍ଦ୍ରାପଡାରେ ଷ୍ଟେଟବ୍ୟାଙ୍କ ଡିସପେନସରୀ(ଚିକିତ୍ସା କେନ୍ଦ୍ର) ସହ ଏକ ଡାଇଗ୍ନୋଷ୍ଟିକ ସେଣ୍ଟର ଖୋଲାଯିବା ପାଇଁ ଆଞ୍ଚଳିକ କାର୍ଯ୍ୟାଳୟ ସୁପାରିଶ କରିବାକୁ ଆଞ୍ଚଳିକ ସମ୍ପାଦକ ଶ୍ରୀ ମେକାପ ଦାବି ଉପସ୍ଥାପନ କରିଥିଲେ। କେନ୍ଦ୍ରାପଡାରେ ଏହା ଖୋଲାଗଲେ ପେନସନର୍ସଙ୍କ ସମେତ ଷ୍ଟେଟବ୍ୟାଙ୍କ କର୍ମଚାରୀମାନେ ମଧ୍ୟ ଉପକୃତ ହୋଇପାରିବେ ବୋଲି ଶ୍ରୀ ମେକାପ କହିଥିଲେ। ମୁଖ୍ୟ ଆଞ୍ଚଳିକ ମହାପରିଚାଳକ ଶ୍ରୀ ସ୍ୱାଇଁ ଓ କେନ୍ଦ୍ରାପଡା ମୁଖ୍ୟ ଶାଖାର ମୁଖ୍ୟ ପରିଚାଳକ ଶ୍ରୀ ଭଟ୍ଟାଚାର୍ଯ୍ୟ ତୁରନ୍ତ କେନ୍ଦ୍ରାପଡାରେ ଏକ ଡାଇଗ୍ନୋଷ୍ଟିକ ସେଣ୍ଟର ଖୋଲାଯିବା ପାଇଁ ସୁପାରିଶ କରାଯିବ ବୋଲି ଦୃଢ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ପେନସନର୍ସ ସଙ୍ଘ ପକ୍ଷରୁ ମାଧବାନନ୍ଦ ମହାପାତ୍ର, ଶରତ କୁମାର ମୁଦୁଲି, ରବିନ ଗୋଛାୟତ, ସେକ ଏସାନ ମହମ୍ମଦ, ଶୁକଦେବ ଦାସ, ଦୁର୍ଯ୍ୟୋଧନ ସେଠୀ, ବିଜୟ ନାୟକ, ନିତ୍ୟାନନ୍ଦ ସେଠୀ, ରାମଚନ୍ଦ୍ର ସେଠୀ, ଅତୁଲ ଚନ୍ଦ୍ର ଗିରି, ସୁନାକର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଆଞ୍ଚଳିକ ସମ୍ପାଦକ ଶ୍ରୀ ମେକାପ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି କଂଗ୍ରେସ ଓ ଆଦିବାସୀ କଂଗ୍ରେସ ପକ୍ଷରୁ ଧାରଣା

ଭୁବନେଶ୍ୱର, ୨୦।୨ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଭକ୍ତଚରଣ ଦାସଙ୍କ ପରାମର୍ଶକ୍ରମେରାଜ୍ୟରେ ଦୈନନ୍ଦିନ ଘଟୁଥିବା ଦଳିତ - ଆଦିବାସୀ - ମହିଳା ନିର୍ଯ୍ୟାତନାବିରୁଦ୍ଧରେ ଏକ ୬ ଦିନିଆ ଅହୋରାତ୍ର ଧାରଣାରାଜ୍ୟ ଅନୁସୂଚୀତ ଜାତିକଂଗ୍ରେସର ଅଧ୍ୟକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଗତକାଲି ଠାରୁ ଆରମ୍ଭ ହୋଇଛି।ସମ୍ବିଧାନର ୯୩ ତମସଂଶୋଧନ ଅନୁଯାୟୀ ଓଡ଼ିଶାରେ ଏକ ଆଇନ ଅଣାଯାଇ ଅନୁସୂଚିତ ଜାତି, ଆଦିବାସୀ ଓ ପଛୁଆବର୍ଗ, ଛାତ୍ରଛାତ୍ରୀଙ୍କର ଅଣଅନୁଦାନ ପ୍ରାପ୍ତ ବେସରକାରୀଶିକ୍ଷାନୁଷ୍ଠାନ ଗୁଡିକରେ ସଂରକ୍ଷଣ ମୁତାବକ ପାଠ ପଢ଼ିବାର ସୁବିଧା ଦେବା, ଦଳିତ ଆଦିବାସୀ ନିର୍ଯ୍ୟାତନା ନିବାରଣ ଅଧିନିୟମର ନିୟମ ୭ ଅନୁଯାୟୀ ଅତିକମ୍‌ରେ ଜଣେ ଡି.ଏସ୍.ପି ପାହ୍ୟାର ଅଧିକାରୀଙ୍କ ଦ୍ୱାରା ତଦର୍ଂ କରିବା, ସମ୍ବିଧାନରେ ୭୩ତମ ଓ ୭୪ତମ ସଂଶୋଧନ ଅନୁଯାୟୀ ଗ୍ରାମ





ପଞ୍ଚାୟତକୁ ୨୯ ଟିବିଭାଗ ନଗର ପଞ୍ଚାୟତକୁ ୧୮ ଟିବିଭାଗର କ୍ଷମତା ହସ୍ତାନ୍ତର କରିବା ଓ.ଆର.ଭି. ଆଇନକୁ ରାଜ୍ୟରେ ସଠିକ୍ ଭାବେ କ୍ରିୟାନ୍ୱୟନ କରିବା, ଓଡ଼ିଶାର ସମସ୍ତ ବିଜୁଳି ଉପଭୋକ୍ତା ମାନଙ୍କୁ ଅତିକମରେ ୩୦୦ ୟୁନିଟ୍ ମୁକ୍ତ ବିଜୁଳି ଓ ଚାଷୀମାନଙ୍କୁ କୃଷି ପାଇଁ ସଂପୂର୍ଣ୍ଣ ମୁକ୍ତ ବିଜୁଳି ପ୍ରଦାନ କରିବା, ବାର୍ଦ୍ଧକ୍ୟଭତ୍ତାକୁ ଅତିକମ୍‌ରେ ୨୦୦୦ ଟଙ୍କାକରିବା, ମନରେଗା ଅଧିନିୟମକୁ ପୁର୍ନବାର ଲାଗୁ କରିବା ଆଦି ୮ଟି ଦାବୀକୁ ନେଇ ମାଷ୍ଟର କ୍ୟାଣ୍ଟିନ୍ ଛକ ଠାରେ ଏହି ଅହୋରାତ୍ର ଧାରଣା ଚାଲୁଅଛି। ଆଜି ଧାରଣାର ୨ୟ ଦିନରେ ପୂର୍ବତନ ପିସିସି ସଭାପତି ଶ୍ରୀଯୁକ୍ତ ଜୟଦେବ ଜେନା ଯୋଗ ଦେଇ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ସମୟରେ ଆଜି ଓଡ଼ିଶାର ଦଳିତ ଆଦିବାସୀ ମାନେ ସବୁଠାରୁ ବେଶି ନିର୍ଯ୍ୟାତିତ ବୋଲି ମତବ୍ୟକ୍ତ କରିଥିଲେ। ଯଦି ଆମର ଦାବୀ ଗୁଡ଼ିକ ପ୍ରତି ରାଜ୍ୟ ସରକାର ଉଦାସିନ ରୁହନ୍ତି ତେବେ ଆଗାମୀ ଦିନରେ ଆମ୍ଭେ ରାଜରାସ୍ତାକୁ ଓହ୍ଲେଇ ବିଧାନସଭାଘେରାଉକରିବୁବୋଲି ଅନୁସୂଚିତ ଜାତିକଂଗ୍ରେସରାଜ୍ୟ ଅଧ୍ୟକ୍ଷ ଆଇନଜୀବୀ ମଲଲିକମତବ୍ୟକ୍ତକରିଛନ୍ତି।

ଆଜିର ଏହି ଧାରଣାର ଦ୍ୱିତୀୟ ଦିନରେ ପୂର୍ବତନ ପିସିସିସଭାପତିଶ୍ରୀଯୁକ୍ତଜୟଦେବ ଜେନା, ପିସିସିସମ୍ପାଦିକା ଅନିମା ମି, ସତ୍ୟବ୍ରତ ନାୟକ, ସୌମ୍ୟରନ ବରାଳ, ଦଳିତନେତା ଅକ୍ଷୟ ମଲ୍ଲିକ, ସମ୍ପାଦକ ଶିବରାମରାମୁ, କିଶୋରସାହୁ, ପ୍ରଶାନ୍ତ ରାଉତ, ଗୁରୁବକ୍ସସିଂହ ଆଲୁବାଲିଆ, ପୂର୍ବତନ ବିଧାୟକଲକ୍ଷ୍ମଣମାଝୀ, ପ୍ରହଲ୍ଲାଦ ପୂର୍ତ୍ତି, ସରୋଜ ନଟରାଜତୁଙ୍ଗତୁଙ୍ଗ, ବିଶ୍ୱରନ ଜେଠୀ, ଶିବ ପ୍ରସାଦ ଦାସ, ଆଲବର୍ଟ କିଣ୍ଡୋ, ଖଗେଶ୍ୱରମଲ୍ଲିକ, ଅନୁସୂଚିତ ଜାତିବିଭାଗରଉପସଭାସଭାପତି ରନ ସେଠୀ, ରାଜ୍ୟସାଧାରଣସମ୍ପାଦକ ଶ୍ରୀବସ୍ମ ମଲ୍ଲିକ, ଆଶିଷ ମଲ୍ଲିକ, ଦେବବ୍ରତବେହେରା, ବିକାଶ ଦାସ, ରନ ଭୋଇ, ନାରାୟଣସେଠୀ, ରନ ସେଠୀ, ଶରତ ନାୟକ, ମଙ୍ଗୁମଲ୍ଲିକ, ବିଜୟମଲ୍ଲିକ, ବଣାସ୍ୱରମଲ୍ଲିକ, ବିଭାଗରଖୋର୍ଦ୍ଧା ଅଧ୍ୟକ୍ଷ ଜୟନ୍ତ ଭୋଇ, ବାଲେଶ୍ୱର ଅଧ୍ୟକ୍ଷ ଶ୍ରୀବିଧାନ ଜେନା, ଅନୁଗୋଳ ଅଧ୍ୟକ୍ଷ ରାଜକିଶୋର ନାୟକ, ବରଗଡ ଅଧ୍ୟକ୍ଷ ଅଭିଶେକ ସେଠ, ଅଲବିସେ କୁଲୁ, ଦୁଷ୍ମନ୍ତ ନାୟକ, ସେଖ୍ ଅଲ୍ଲୀ, ସାଗର ପରିଡା, ଇମ୍ରାନ୍ ଅଲ୍ଲି, ପଞ୍ଚାନନ ନାୟକ ଓ ହେମଚନ୍ଦ୍ର ନାୟକ ପ୍ରମୁଖଯୋଗ ଦେଇଥିଲେ।

## ବଳଦେବ ଉଚ୍ଚବିଦ୍ୟାଳୟର ପୂରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

କେନ୍ଦ୍ରାପଡ଼ା, ୨୦।୨ (ନି.ପ୍ର): ବଳଦେବ ଉଚ୍ଚବିଦ୍ୟାଳୟର ୧୯୬୮ମସିହା ଏକାଦଶ ଶ୍ରେଣୀର ପୂରାତନ ବିଦ୍ୟାର୍ଥୀ ମାନେ ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀ ସିଦ୍ଧବଳଦେବ ଜୀଉଙ୍କ ମନ୍ଦିର ପାର୍ଶ୍ୱସ୍ଥ ହେରିଟେଜ କଟେଜ ଗୃହରେ ଏକ ବନ୍ଧୁମିଳନ ଉତ୍ସବର ଆୟୋଜନ



କରିଥିଲେ। ସଭା ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସମୟରେ କ୍ଷେତ୍ରାଧିପତି ଶ୍ରୀ ସିଦ୍ଧବଳଦେବଜୀଉଙ୍କ ସ୍ତୋତ୍ର ପାଠ କରାଯାଇଥିଲା। ଉକ୍ତ ବିଦ୍ୟାଳୟର ଦିବଂଗତ ଶିକ୍ଷକ ଓ ସହପାଠୀମାନଙ୍କ ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଦୀର୍ଘ ୫୭ବର୍ଷ ଅତିବାହିତ ହୋଇଥିଲେ ହେଁ ଅତ୍ୟନ୍ତ ଆତ୍ମୀୟତାର ନିଦର୍ଶନ ପୂର୍ବକ ନିଜର ପରିଚୟ ପ୍ରଦାନ ଓ ବିଗତ ଦିନର ସ୍ମୃତି ବଖାଣି ଥିଲେ ସହପାଠୀ ମାନେ। ଅତିକ୍ରାନ୍ତ ବୟସରେ ଅବଶିଷ୍ଟ ଜୀବନ ସୁଖଶାନ୍ତିରେ କାଳାତିପାତ ପାଇଁ ଶ୍ରୀ ସିଦ୍ଧବଳଦେବଜୀଉ ମହାପ୍ରଭୁଙ୍କ ନିକଟରେ ସମର୍ପିତ ହୋଇଥିଲେ ସମସ୍ତେ। ସଂଯୋଜକ ମାଧବ ଚନ୍ଦ୍ର ପତ୍ରୀ ଏକତ୍ରିତ ବନ୍ଧୁମାନଙ୍କୁ ହୃଦୟର ଅନ୍ତସ୍ଥଳର ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ସଭା ଓ ମିଶ୍ରଣ ପର୍ବ

ଜଗତସିଂହପୁର, ୨୦।୨ (ନି.ପ୍ର): ଆଜି ରଘୁନାଥପୁର ବ୍ଲକ କଂଗ୍ରେସ ପକ୍ଷରୁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକଙ୍କ ଡାକରାରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ ଙ୍କ ଉପସ୍ଥିତି ରେ ସମ୍ବର୍ଦ୍ଧନା ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ଇଂ ମଲ୍ଲିକ ଙ୍କ ନେତୃତ୍ବ ପ୍ରତି ଆସ୍ଥା ପ୍ରକଟ କରି ଓ ଜାତୀୟ କଂଗ୍ରେସ ବିଚାରଧାରା ରେ ପ୍ରଭାବିତ ହୋଇ ଜଗନ୍ନାଥପୁର ପଞ୍ଚାୟତ ର ସୁଶାନ୍ତ କୁମାର ସାହୁ, ଧରାଧରପୁର ପଞ୍ଚାୟତ ର ଶିବ ସାହୁ, ରଘୁନାଥପୁର ପଞ୍ଚାୟତ ର ୱାର୍ଡ ମେମ୍ବର ଅଚ୍ୟୁତା ନନ୍ଦ ଦଳାଇ, ବିଦ୍ୟାଧରପୁର ପଞ୍ଚାୟତ ର ସୁବାଷ



କୁମାର ରାଟସିଂ, ଶିବ ପ୍ରସାଦ ଦାସ, ବଳରାମ ଭୋଇ, ଚନ୍ଦନ ଭୋଇ, ରଘୁନାଥପୁର ପଞ୍ଚାୟତ ର ସମ୍ଭୁନାଥ ସେନାପତି, ପୁରଣ ଓଡପଡା ପଞ୍ଚାୟତ ର ସନ୍ତୋଷ ପାତ୍ର ପ୍ରମୁଖ ବିଜେଡି ଓ ବିଜେପି ଦଳ ପରିତ୍ୟାଗ କରି କଂଗ୍ରେସ ରେ ଯୋଗଦାନ କରିଛନ୍ତି। ତତସହିତ ନୂତନ ଭାବେ ଘୋଷଣା ହୋଇଥିବା ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ଜିଲ୍ଲା କଂଗ୍ରେସ ଉପ ସଭାପତି ପ୍ରଶାନ୍ତ ଦାସ, ଜିଲ୍ଲା କଂଗ୍ରେସ ମୁଖପାତ୍ର ସର୍ବେଶ୍ୱର ପଣ୍ଡା, ସମ୍ପାଦକ ମାନସ ଗୋଛାୟତ, କାର୍ଯ୍ୟକାରୀ ସଦସ୍ୟ କାଳନ୍ଦୀ ମହାନ୍ତି, ସମ୍ପାଦକ ମନୋରଞ୍ଜନ ଜେନା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜି ଯେଉଁମାନେ ବିଜେଡି ଓ ବିଜେପି ଦଳ ଛାଡି କଂଗ୍ରେସ ରେ ଯୋଗଦେଇ ଛନ୍ତି ସେମାନଙ୍କ ଯୋଗଦାନ ଦ୍ୱାରା ରଘୁନାଥପୁର ବ୍ଲକ ଓ ଜଗତସିଂହପୁର ଜିଲ୍ଲା ରେ କଂଗ୍ରେସ ଦଳ ମଜଭୁତ ହେବ ବୋଲି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀଯୁକ୍ତ ନାୟକ ଓ କଂଗ୍ରେସ ନେତା ଶ୍ରୀଯୁକ୍ତ ମଲ୍ଲିକ ମତପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟୁଷ ନାୟକ ସଭା ପରିଚାଳନା କରିଥିବା ବେଳେ ବସନ୍ତ ଦାଶ, ବସନ୍ତ ସ୍ୱାଇଁ, ଅଜୟ ସ୍ୱାଇଁ, ଜିତେନ୍ଦ୍ର ମଲ୍ଲିକ, ବିଭୁ ରଂଜନ ସ୍ୱାଇଁ, ସୁଧାଂଶୁ ବିଶ୍ୱାଳ, ସ୍ୱପ୍ନ ସରିତ ରାଟସିଂ, ଲକ୍ଷ୍ମୀକାନ୍ତ ନାୟକ, ପରକ୍ଷିତ ନାୟକ, ସନ୍ତୋଷ ସ୍ୱାଇଁ, ସାରଦା ଜେନା, ବ୍ରଜ କିଶୋର ମଲ୍ଲିକ, ବିଷ୍ଣୁ ବିଶ୍ୱାଳ, ଅଜିତ ଓଝା, ହରେକୃଷ୍ଣ ଖଟୁଆ, ପ୍ୟାରେଶ ପାତ୍ର, କ୍ରିତ ରଜଂନ ରାୟ, ସନ୍ତୋଷ ପାତ୍ର ପ୍ରମୁଖ ଯୋଗଦାନ କରିଥିଲେ।

## ନୂତନ ହନୁମାନଙ୍କ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଯୋଗଦେଲେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ

ଖଣ୍ଡପଡ଼ା, ୨୦/୧ (ନିପ୍ର): ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଭଗବାନପୁର ପଞ୍ଚାୟତ ଅଧୀନ ବେତଖୋଲି ଗ୍ରାମରେ ନୂତନ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜି ଅପରାହ୍ନରେ ପୂର୍ଣ୍ଣାହୁତି ପର୍ବରେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ



ସୌମ୍ୟରଂଜନ ପଟ୍ଟନାୟକ ଯୋଗଦେବା ସହିତ ଆୟୋଜକ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ଆଜି ସନ୍ଧ୍ୟାରେ ଗ୍ରାମ ନିକଟସ୍ଥ ମୁଣ୍ଡ ପୋଥାଳି ପାହାଡ ପରିସରରେ ଶ୍ରୀ ପଟ୍ଟନାୟକଙ୍କୁ ଭବ୍ୟ ସ୍ୱାଗତ କରିଥିଲେ ଅଞ୍ଚଳ ବାସିନ୍ଦା। ପରେ ଯଜ୍ଞ ସ୍ଥଳ ଏବଂ ନବନିର୍ମିତି ପ୍ରଭୁ ହନୁମାନଙ୍କ ବିଗ୍ରହ ଦର୍ଶନ କରିଥିଲେ ପୂର୍ବତନ ବିଧାୟକ। ଏ ଅବସରରେ ଭାପୁର ଅଞ୍ଚଳର ବରିଷ୍ଠ ସଂଗଠକ ଜିତେନ୍ଦ୍ର କୁମାର ରଣସିଂହ, ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର କୁମାର ଧଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶିବପ୍ରସାଦ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ ପାହାଡ ଶିଖରରେ ପ୍ରାୟ ୩୬ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରଭୁ ହନୁମାନଙ୍କ ପ୍ରତିମୂର୍ତ୍ତି ସହିତ ଭବ୍ୟ ମନ୍ଦିର ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ନିର୍ମିତ ହୋଇଛି।

